
ବର୍ଷ-୨୪, ସଂଖ୍ୟା-୧୯୭
ଭୁବନେଶ୍ୱର
୧୭ ଅଗଷ୍ଟ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 197
Bhubaneswar
17 August, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ରେକର୍ଡ କଲା ସ୍ତ୍ରୀ-୨

# ଖୁରାନିଆ ହେଲେ ନୂତନ ପୁଲିସ ଡିଜି

କଟକ, ୧୬।୮ (ମହାଭାରତ): ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଯୋଗେଶ ବାହାଦୂର ଖୁରାନିଆ(ୱାଇ ବି ଖୁରାନିଆ) ଓଡ଼ିଶାର ନୂଆ ପୁଲିସ ଡିଜି ଭାବେ ନିଯୁକ୍ତ ହୋଇଛନ୍ତି। ଖୁରାନିଆଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାପରେ ଶୁକ୍ରବାର ଅପରାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ସେ ବିଦାୟୀ ଡିଜିପି ଅରୁଣ ଷଡଙ୍ଗୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

ଦାୟିତ୍ୱ ନେବା ପରେ ଗଣମାଧମକୁ ନିଜର ପ୍ରତିକ୍ରିୟା ଦେଇ ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ, ଓଡିଶା ପୋଲିସର ସ୍ୱତନ୍ତ୍ର ଗରିମା ଏବଂ ଗୌରବ ରହିଛି। ପୋଲିସର ମୁଖିଆ ଭାବେ ଦାୟିତ୍ୱ ଗ୍ରହଣ କରି ନିଜକୁ ଗୌରବାନ୍ୱିତ ମନେ କରିବା ସହ ରାଜ୍ୟବାସୀଙ୍କୁ ଉନ୍ନତ ମାନର ପୋଲିସ ସେବା ଯୋଗାଇବା ସବୁଠୁ ବଡ କର୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନ କ୍ରମେ,ଥାନାରେ କାର୍ଯ୍ୟରତ କର୍ମଚାରୀ ଏବଂଥାନାକୁ ଅଭିଯୋଗ କରିବାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରିବା ଉପରେ ସେ ଗୁରୁତ୍ୱାରୋପ କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଥିଲେ। ବିଗତ ଦିନରେ ଓଡିଶା ପୋଲିସ ମାଓବାଦୀ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି



କହିବା ସହ ଲଢେଇରେ ଶହୀଦ ଯବାନ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା,ଅପରାଧ ଦମନ, ଅପରାଧ ନିରାକରଣ ଉପରେ ଗୁରୁତ୍ୱ ଦିଆଯିବ । ସମାଜର ଦୁର୍ବଳ ବର୍ଗ, ଶିଶୁ ଓ ମହିଳା ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଅପରାଧ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଥିଲେ । ସାଂପ୍ରତିକ ପରିସ୍ଥିତିରେ ବଢି ଚାଲିଥିବା ସାଇବର ଅପରାଧକୁ ସଫଳତାର ସହ ମୁକାବିଲା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷପ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଥିଲେ । ଆଗାମୀ ଦିନରେ ମାଦକ ଦ୍ରବ୍ୟର ପ୍ରସାର ଏବଂ ଅପରାଧ ଉପରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବୋଲି ସେ କହିଥିଲେ । ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବା ବୋଲି ଡିଜିପି ଶ୍ରୀ ଖୁରାନିଆ ଗଣମାଧମକୁ ପ୍ରତିକ୍ରିୟା ଦେଇଥିଲେ ।

ସୂଚନାଯୋଗ୍ୟଯେ ୧୯୯୦ ବ୍ୟାଚର ଆଇ.ପି.ଏସ୍ ଅଧିକାରୀ ଶ୍ରୀ ଖୁରାନିଆ ହରିୟାନା ରାଜ୍ୟର ମୂଳବାସିନ୍ଦା ଅଟନ୍ତି ?ତାଙ୍କ ଚାକିରି କାଳ ମଧ୍ୟରେ ସେ ସୋନପୁର, ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୂରଭଞ୍ଜ, ରାଉରକେଲାର ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରେ ସେ ଡିଆଇଜି ଭାବେ ଦକ୍ଷିଣାଂଚଳ ରେଞ୍ଜ (ବ୍ରହ୍ମପୁର) ରେ କାର୍ଯ୍ୟ କରିଥିଲେ। ଏହାସହ ସେ ଅତିରିକ୍ତ ପୋଲିସ କମିଶନର ଭାବେ କଟକ-ଭୁବନେଶ୍ୱର କମିଶନରେଟ ଦାୟିତ୍ୱ ନେଇଥିଲେ । ଏହାପରେ ସେ ଡିଆଇଜି ଭାବେ ଉତ୍ତରାଂଚଳ (ସମ୍ବଲପୁର) ରେ କାର୍ଯ୍ୟ କରିଥିଲେ । ସେହିପରି ଆଇ.ଜି.ପି (ଉତରାଂଚଳ, ସମ୍ବଲପୁର), ଆଇ.ଜି.ପି (ଏସଏପି), ଆଇ.ଜି.ପି(ଅପରେସନ), ବିପିଏସଏପିଏ ରେ ଆଇ.ଜି.ପି(ଟ୍ରେନିଂ), ଆଇ.ଜି.ପି(କ୍ରାଇମବ୍ରାଂଚ), ଆଇ.ଜି.ପି (ଭିଜିଲାନ୍ସ) ଭାବେ କାର୍ଯ୍ୟ କରିଥିଲେ ।

# ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୮ (ମହାଭାରତ): ପ୍ୟାରିସ୍ ଅଲମ୍ପିକ୍ସରେ ପଦକ ଜିତିବା ପରେ ଭାରତୀୟ ପୁରୁଷ ହକି ଦଳର ଏକମାତ୍ର ଓଡିଆ ଖେଳାଳୀ ଅମିତ୍ ରୋହିଦାସ୍ ଶୁକ୍ରବାର ଓଡିଶାରେ ପହଂଚିଛନ୍ତି। ଭୁବନେଶ୍ୱରରେ ପହଂଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଅମିତ୍ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅମିତ୍ ଙ୍କର ଭୂୟସୀ ପ୍ରଶଂସା କରି ତାଙ୍କୁ ଓଡିଶାର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅମିତ୍ ହେଉଛନ୍ତି ଓଡିଆ ଅସ୍ମିତାର ପ୍ରକୃତ ପରିଚୟ। ଆମ ଓଡିଆ ଅସ୍ମିତାକୁ ସେ ବିଶ୍ୱ ଦରବାରରେ ପହଂଚାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ହେଉଛି ଏକ ପବିତ୍ର ଦିନ। ଆଗାମୀ ଅଲମ୍ପିକ୍ସ ପାଇଁ ସଂକଳ୍ପର ଦିନ। ସାଢେ ଚାରି କୋଟି ଓଡିଶାବାସୀଙ୍କ ଶୁଭେଚ୍ଛା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୨୮ ଲସ୍ ଏଞ୍ଜେଲେସ୍ ଅଲମ୍ପିକ୍ସରେ ଆମେ ସ୍ୱର୍ଣ୍ଣ ପଦକ ହାସଲ କରିବୁ ବୋଲି ଆଶାବ୍ୟକ୍ତ କରିଥିଲେ। ଭାରତୀୟ ହକି ଦଳକୁ ଓଡିଶାର ସ୍ପନ୍ସରସିପ୍ ୨୦୩୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ସେ କହିଥିଲେ। ଅମିତ୍ଙ୍କ ହକି ଯାତ୍ରାର ସଫଳ କାହାଣୀ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହକିର ଗଡ



ଭାବେ ପରିଚିତ ସୁନ୍ଦରଗଡର ସଉନାମରା ଗାଁରେ ଅମିତ୍ ଜନ୍ମ ଗ୍ରହଣ କରିଥିଲେ। ଗାଁ ମାଟିରୁ ପାନପୋଷ ହଷ୍ଟେଲ ଓ ପାନପୋଷ ହଷ୍ଟେଲରୁ ଭାରତୀୟ ହକି ଦଳ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଅତ୍ୟନ୍ତ ଗୌରବମୟ। ୨୦୧୭ରୁ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଅମିତ୍ ରୋହିଦାସ୍ କହିଥିଲେ ଯେ ଓଡିଶାରେ ପହଂଚିବା ପାଇଁ ତାଙ୍କ ହୃଦୟ ବ୍ୟାକୁଳ ଥିଲା। ତେଣୁ ଭୁବନେଶ୍ୱର ପହଂଚି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ବହୁତ ଖୁସି। ୫୨ ବର୍ଷ ପରେ ଆମେ (ଭାରତୀୟ ହକି ଦଳ) ଅଲମ୍ପିକ୍ସରେ ଲଗାତାର ପଦକ ଜିତି ରେକର୍ଡ ଭାଙ୍ଗିଛୁ ବୋଲି ସେ କହିଥିଲେ। ଓଡିଶା ଓ ଦେଶର କୋଟି କୋଟି କ୍ରୀଡାପ୍ରେମୀମାନଙ୍କ ଶୁଭେଚ୍ଛା ପାଇଁ ସେ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସେ ଅଲମ୍ପିକ୍ସର ଜର୍ସି ଓ ମାସ୍କଟ ଉପହାର ଦେଇଥିଲେ। ସେହି ଜର୍ସିରେ ଭାରତୀୟ ଦଳର ସବୁ ଖେଳାଳୀମାନଙ୍କର ଦସ୍ତଖତ ରହିଛି। ଏହି ଜର୍ସି ନିଶ୍ଚିତ ଭାବେ ଓଡିଶାର ସବୁ ହକି ଖେଳାଳୀଙ୍କୁ ପ୍ରେରଣା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଜମ୍ମୁ କଶ୍ମୀର ଓ ହରିୟାଣା ନିର୍ବାଚନ ପାଇଁ ତାରିଖ ଘୋଷଣା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ନିର୍ବାଚନ କମିଶନର ଶୁକ୍ରବାର ଦୁଇଟି ରାଜ୍ୟ ଜମ୍ମୁ କଶ୍ମୀର ଓ ହରିୟାଣାରେ ବିଧାନସଭା ନିର୍ବାଚନ ପାଇଁ ଘୋଷଣା କରିଛନ୍ତି । ଜମ୍ମୁ-କଶ୍ମୀରରେ ତିନୋଟି ପର୍ଯ୍ୟାୟରେ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ଭୋଟ ହେବ । ହରିୟାଣାରେ ଗୋଟିଏ ପର୍ଯ୍ୟାୟରେ ଅକ୍ଟୋବର ୧ରେ ମତଦାନ ହେବ । ଦୁଇଟି ରାଜ୍ୟରେ ଅକ୍ଟୋବର ୪ରେ ଭୋଟଗଣତି ହେବ ।

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସନ୍ଧୁଙ୍କ ଉପସ୍ଥିତିରେ ଶୁକ୍ରବାର ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ପ୍ରେସମିଟରେ ଦୁଇଟି ରାଜ୍ୟରେ ନିର୍ବାଚନ କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି ।

ଜମ୍ମୁକଶ୍ମୀରରେ ଆସନ୍ତା ମାସରେ ବିଧାନସଭା ନିର୍ବାଚନ ହେବ । ଏହାସହିତ ହରିୟାଣାରେ ବି ବିଧାନସଭାରେ ନିର୍ବାଚନ ନେଇ ଘୋଷଣା କରିଛନ୍ତି। ଜମ୍ମୁ କଶ୍ମୀରରେ ପ୍ରଥମ ପର୍ଯ୍ୟାୟରେ କିସ୍ତୱାଡ, ଅନନ୍ତନାଗ, ପୁଲୱାମା,




ସୋପିୟାଂ, କୁଲଗାମରେ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ରିୟାସୀ, ରାଜୌରୀ, ପୁଂଛ, ବଡଗାଓଁ, ଶ୍ରୀନଗର, ଗାନ୍ଦରବଲରେ ମତଦାନ ହେବ । ତୃତୀୟ ପର୍ଯ୍ୟାୟରେ ବାନ୍ଦିପୋରା, କୁପୱାଡା, ବାରମୂଲା, ଜମ୍ମୁ, ଉଦମପୁର, ସାଂବା ଓ କଠୁଆରେ ମତଦାନ ହେବ। ଜମ୍ମୁ କଶ୍ମୀରର ୨୦ ଜିଲ୍ଲାରେ ୯୦ଟି ବିଧାନସାଭ ସିଟ ରହିଛି । ଏଥିରୁ ୭୪ଟି ସାଧାରଣ, ୯ଟି ଅନୁସୂଚିତ ଜନଜାତି ଓ ୭ଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଅଟେ । ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ, ଜମ୍ମୁକଶ୍ମୀରରେ ୮୭.୦୯ଲକ୍ଷ ଭୋଟରଙ୍କ ପାଇଁ ୯୧୬୯ ସ୍ଥାନରେ ୧୧,୮୩୮ ମତଦାନ କେନ୍ଦ୍ର କରାଯାଇଛି । ଭୋଟରଙ୍କ ମଧ୍ୟରେ ୪୪.୪୬ ଲକ୍ଷ ପୁରୁଷ ଓ ୪୨.୬୨ ଲକ୍ଷ ମହିଳା ଅଛନ୍ତି । ୩.୭୧ ଲକ୍ଷ ଭୋଟର ପ୍ରଥମ ଥର ଭୋଟ ଦେବେ । ୨୦ରୁ ୨୯ ବର୍ଷ ଯୁବ ଭୋଟରଙ୍କ ସଂଖ୍ୟା ୨୦.୭ ଲକ୍ଷ ଅଟେ ।

ହରିୟାଣାର ସମସ୍ତ ୯୦ଟି ସିଟରେ ଗୋଟିଏ ପର୍ଯ୍ୟାୟରେ ଅକ୍ଟୋବର ୧ରେ ମତଦାନ ହେବ । ସେପ୍ଟେମ୍ବର ୫ରେ ଭୋଟ ପାଇଁ ବିଜ୍ଞପ୍ତି ଜାରିହେବ । ସେପ୍ଟେମ୍ବର ୧୨ଯାଏ ନାମାଙ୍କନ ଓ ସେପ୍ଟେମ୍ବର ୧୩ରେ ନାମାଙ୍କନ ଯାଂଚ ଓ ସେପ୍ଟେମ୍ବର ୧୬ରେ ନାମାଙ୍କନ ପ୍ରତ୍ୟାହାର କରାଯିବ । ହରିୟାଣାର ୨୨ଟି ଜିଲ୍ଲାରେ ୯୦ଟି ବିଧାନସଭା ସିଟ ରହିଛି । ଏଥିରୁ ୭୩ଟି ସାଧାରଣ ଓ ୧୭ଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଅଟେ । ବିଧାନସଭା କାର୍ଯ୍ୟକାଳ ନଭେମ୍ବର ୩ରେ ଶେଷ ହେବ । ଏଥର ୨.୦୧ କୋଟି ଭୋଟରଙ୍କ ପାଇଁ ୧୦.୪୯୫ ସ୍ଥାନରେ ୨୦,୬୨୯ ଭୋଟଗ୍ରହଣ କେନ୍ଦ୍ର କରାଯାଇଛି । ଭୋଟରଙ୍କ ମଧ୍ୟରେ ୧.୦୬ କୋଟି ପୁରୁଷ, ୦.୯୫ କୋଟି ମହିଳା, ୪୦.୯୫ ଲକ୍ଷ ୨୦ରୁ ୨୯ ବର୍ଷ ବୟସର ଯୁବ ଭୋଟର ଓ ୪.୫୨ ଲକ୍ଷ ପ୍ରଥମ ଥର ମତଦାନ କରୁଥିବା ଭୋଟର ଅଛନ୍ତି ।

## ହାତ ଛାଡିଲେ ବିଜୟ

ଭୁବନେଶ୍ୱର, ୧୬।୮ (ମହାଭାରତ): କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ । ମେଲ୍ ଯୋଗେ ଏଆଇସିସିକୁ ସେ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। କଂଗ୍ରେସରୁ ଇସ୍ତଫା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜୟ କହିଛନ୍ତି ଦଳରେ ମୋର କୌଣସି ପ୍ରେଷ୍ଟିଜ ନାହିଁ । ମୁଁ ଦେଖିଲି ଦଳରେ ମୋର କିଛି ପ୍ରେଷ୍ଟିଜ ନାହିଁ, ସ୍ଥାନ ନାହିଁ। ମୁଁ ଅନୁଭବ କଲି ଦଳ ପାଇଁ ମୁଁ କିଛି ୟୁଜ୍ ଫୁଲ୍ ହେଉନି। ଅନ୍ୟ ଦଳକୁ ଯିବାର ନାହିଁ, ଲୋକଙ୍କ ପାଖକୁ ଯିବି। ଲୋକଙ୍କ ସେବା କରିବାର ଅଛି ବୋଲି କହିଛନ୍ତି ବିଜୟ ପଟ୍ଟନାୟକ। କଂଗ୍ରେସ ପକ୍ଷରୁ ଗଣମାଧମକୁ ଆନୁଷ୍ଠାନିକ ବୟାନ ଦଳର ୪ଜଣ ନେତା ହିଁ ଦେଇପାରିବେ ବୋଲି ଅଜୟ କୁମାରଙ୍କ ଦସ୍ତଖତରେ ପ୍ରେସ୍ ରିଲିଜ୍ ଜାରି ହୋଇଛି ।

# ଭିଜିଲାନ୍ସ ଜାଲରେ କୋଟିପତି ଯୋଗାଣ ଅଧିକାରୀ

କେନ୍ଦ୍ରାପଡ଼ା, ୧୬।୮ (ମହାଭାରତ): ବିଜେପି ସରକାରଙ୍କ ଦୁର୍ନିତି ବିରୋଧୀ କାର୍ଯ୍ୟାନୁଷ୍ଠାନ ବଲବତ୍ତର ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦିପ ମହାପାତ୍ର ଭିଜିଲାନ୍ସ ଜାଲରେ ପଡିଛନ୍ତି। ତାଙ୍କ ଘର ସମେତ କଟକ, ଭୁବନେଶ୍ୱର ଓ କେନ୍ଦ୍ରାପଡା ର ୫ଟି ସ୍ଥାନରେ ଏକ କାଳୀନ ଭିଜିଲାନ୍ସ ବିଭାଗ ପକ୍ଷରୁ ରେଡ କରାଯାଇଥିଲା। ଏଥିରେ ତାଙ୍କର କୋଟି କୋଟି ଟଙ୍କାର ସଂପତ୍ତି ଠାବ କରାଯାଇଛି।



ପ୍ରଦୀପଙ୍କର ଭୁବନେଶ୍ୱରର ଲିଙ୍ଗିପୁରରେ ଏକ ଦୁଇମହଲା କୋଠା ଅଛି। କଟକ ମଧୁପାଟଣାରେ ଗୋଟିଏ କୋଠା ଏବଂ ଭୁବନେଶ୍ୱର ଓ କଟକରେ ୨ଟି ଫ୍ଲାଟ୍ ଅଛି। ଭୁବନେଶ୍ୱରର ଲିଙ୍ଗିପୁର ଓ କଟକର କଲ୍ୟାଣୀ ନଗରରେ ତାଙ୍କର ଗୋଟିଏ ଲେଖାଏଁ ଜମି ଅଛି। ତାଙ୍କର ଏହି ସବୁ ଘର, ଫ୍ଲାଟ ଓ ଜମିର ମାପଚୁପ ଓ ମୂଲ୍ୟାୟନ କାର୍ଯ୍ୟ ଭିଜିଲାନ୍ସର ବୈଷୟିକ ଟିମ୍ କରୁଛି। ଏହା ବ୍ୟତୀତ ପ୍ରଦୀପ ମହାପାତ୍ର ୨ କୋଟି ୮୬ ଲକ୍ଷ ୯ ହଜାର ୫୬୯ ଟଙ୍କା ଜମା ରଖିଛନ୍ତି। ସେଥିରୁ ୧ କୋଟି ୩୪ ଲକ୍ଷ ୫୦୫ ଟଙ୍କା ଡାକଘରେ ସଞ୍ଚୟ କରିଥିବା ବେଳେ ବ୍ୟାଙ୍କରେ ଜମା ରଖିଛନ୍ତି। ୬୯ ଲକ୍ଷ ୯ ହଜାର ୬୯ ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ସେ ୮୩ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ସେ ବୀମା ବାବଦକୁ କେତେ ଟଙ୍କା ଜମା ରଖିଛନ୍ତି, ତାର ଖୋଳତାଡ଼ ଜାରି ରହିଛି। ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ରଙ୍କ ଘରୁ ୮୫୦ ଗ୍ରାମ ସୁନା ମିଳିଛି। ସେଥିରେ ୪ଟି ସୁନା ଇଟା ରହିଛି। ଏକ ହୀରା ହାର ମଧ୍ୟ ତାଙ୍କ ଘରୁ ଜବତ ହୋଇଛି। ଏହା ସହିତ ତାଙ୍କ ଘରୁ ନଗଦ ୧ ଲକ୍ଷ ୨୧ ହଜାର ୫୦୦ ଟଙ୍କା ଜବତ ହୋଇଛି। ତାଙ୍କର ଗୋଟିଏ ଚାରି ଚକିଆ ଗାଡି (ମାରୁତି ସ୍ୱିଫ୍ଟ) ଓ ୨ଟି ଦୁଇ ଚକିଆ ଗାଡ଼ି ଅଛି।

## ଇସ୍ରୋକୁ ସଫଳତା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଆଜି ସକାଳ ୯ଟା ୧୭ ମିନିଟ୍ ସମୟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଲଘୁ ଉପଗ୍ରହ ଉତକ୍ଷେପଣ ଯାନ (ଏସ୍‌ଏସ୍‌ଏଲ୍‌ଭି)-ଡି୩ ଜରିଆରେ ନବୀନତମ ପୃଥିବୀ ଅବଲୋକନ ଉପଗ୍ରହ 'ଇଓଏଲ୍-୦୮'କୁ ଉତ୍କ୍ଷେପଣ କରିଛି।


ଇଓଏସ୍-୦୮ ମିଶନ୍‌ର ପ୍ରାଥମିକ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ରହିଛି ଗୋଟିଏ ମାଇକ୍ରୋ ସାଟେଲାଇଟ୍‌ର ଡିଜାଇନ୍ ଓ ବିକାଶ, ମାଇକ୍ରୋ ସାଟେଲାଇଟ୍ ବସ୍ ସହ ସୁସଙ୍ଗତ ପେଲୋଡ୍ ଉପକରଣ ତିଆରି କରିବା ଏବଂ ଭବିଷ୍ୟତରେ କାର୍ଯ୍ୟକ୍ଷମ ଉପଗ୍ରହ ପାଇଁ ଆବଶ୍ୟକ ନୂତନ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରିବା।

ମାଇକ୍ରୋସାଟ୍/ଆଇଏମ୍ଏସ୍-୧ ବସ୍ ରେ ନିର୍ମିତ ଇଓଏସ୍-୦୮ରେ ତିନୋଟି ପେଲୋଡ୍ ରହିଛି: ଇଲେକ୍ଟ୍ରୋ ଅପ୍ଟିକାଲ୍ ଇନଫ୍ରାରେଡ୍ ପେଲୋଡ୍ (ଇଓଆଇଆର), ଗ୍ଲୋବାଲ୍ ନେଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍-ରିଫ୍ଲେକ୍ଟୋମେଟ୍ରି ପେଲୋଡ୍ (ଜିଏନ୍‌ଏସ୍‌ଏସ୍-ଆର୍) ଏବଂ ଏସ୍‌ଆଇସି ୟୁଭି ଡୋସିମିଟର। ଉପଗ୍ରହ ଭିତ୍ତିକ ନିରୀକ୍ଷଣ, ବିପର୍ଯ୍ୟୟ ନିରୀକ୍ଷଣ, ପରିବେଶ ନିରୀକ୍ଷଣ, ଅଗ୍ନିକାଣ୍ଡ ଚିହ୍ନଟ, ଆଗ୍ନେୟଗିରି ଗତିବିଧି ପର୍ଯ୍ୟବେକ୍ଷଣ ଏବଂ ଶିଳ୍ପ ଓ ଶକ୍ତି ପ୍ଲାଂଟ୍ ବିପର୍ଯ୍ୟୟ ନିରୀକ୍ଷଣ ଭଳି ପ୍ରୟୋଗ ପାଇଁ ଉଭୟ ଦିନ ଏବଂ ରାତିରେ ମିଡ୍-ୱେଭ୍ ଆଇଆର (ଏମଆଇଆର) ଏବଂ ଲଙ୍ଗ-ୱେଭ୍ ଆଇଆର (ଏଲଡବ୍ଲୁଆଇଆର) ବ୍ୟାଣ୍ଡରେ ଫଟୋ ଉଠାଇବା ପାଇଁ ଇଓଆଇଆର ପେଲୋଡ୍କୁ ଡିଜାଇନ୍ କରାଯାଇଛି।

# ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୧୬।୮ (ପିଆଇବି): ୨୦୨୨ ବର୍ଷ ପାଇଁ ଆଜି ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି । ଘୋଷଣା ପୂର୍ବରୁ ଚଳଚ୍ଚିତ୍ର ପୁରସ୍କାରର ବିଚାରକ ମଣ୍ଡଳୀ ଆଜି ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀଙ୍କୁ ପୁରସ୍କାର ବିଜେତାଙ୍କ ନାମ ତାଲିକା ହସ୍ତାନ୍ତର କରିଥିଲେ । ଆନନ୍ଦ ଏକର୍ଶୀଙ୍କ ଦ୍ୱାରା ନିର୍ଦ୍ଦେଶିତ ମାଲୟାଲମ ଚଳଚ୍ଚିତ୍ର ଆଓମ (ଖେଳ)କୁ ଶ୍ରେଷ୍ଠ ଫିଚର୍ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ଅଣଫିଚର ଫିଲ୍ମ ବର୍ଗରେ ହିନ୍ଦୀ/ଉର୍ଦ୍ଦୁ ଭାଷାରେ ନିର୍ମିତ ଚଳଚ୍ଚିତ୍ର ଆୟେନାକୁ ଜାତୀୟ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ସିଦ୍ଧାନ୍ତ ସରିନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଓ ପାର୍ଥିବ ଧରଙ୍କ ଦ୍ୱାରା ଲିଖିତ ପୁସ୍ତକ ଶ୍ରେଷ୍ଠ ଚଳଚ୍ଚିତ୍ର ପୁସ୍ତକ ପୁରସ୍କାର ମିଳିଛି ।

ସାମଗ୍ରିକ ମନୋରଞ୍ଜନ ଯୋଗାଇ ଦେଇଥିବା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ 'କାନ୍ତାରା'କୁ ଜାତୀୟ ପୁରସ୍କାର ମିଳିଛି । 'କାନ୍ତାରା'ରେ ମୁଖ୍ୟ ଭୂମିକା ପାଇଁ ରିଷଭ ସେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ 'ତିରୁଚିତ୍ରାମ୍ବଲମ' ପାଇଁ ଅଗ୍ରଣୀ ଭୂମିକାରେ ଅଭିନୟ କରିଥିବା ନିତ୍ୟା ମେନନ ଓ କୁଚ୍ଛ ଏକ୍ସପ୍ରେସ ପାଇଁ ମାନସୀ



ପାରେଖଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ଆୟେନା (ଆଇନା)କୁ ମିଳିଲା ଶ୍ରେଷ୍ଠ ଅଣଫିଚର୍ ଫିଲ୍ମ ପୁରସ୍କାର, ମର୍ମର୍ସ ଅଫ୍ ଦ ଜଙ୍ଗଲକୁ ସର୍ବଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ପୁରସ୍କାର, କିଶୋର୍ କୁମାର : ଦ ଅଲ୍ଟିମେଟ୍ ବାୟୋଗ୍ରାଫୀକୁ ମିଳିଲା ଶ୍ରେଷ୍ଠ ଚଳଚ୍ଚିତ୍ର ପୁସ୍ତକ ପୁରସ୍କାର। ଫିଚର୍ ଚଳଚ୍ଚିତ୍ର ବର୍ଗରେ ପବନରାଜ ମାଲହୋତ୍ରାଙ୍କୁ ଶ୍ରେଷ୍ଠ ସହାୟକ ଅଭିନେତା ଏବଂ ନୀନା ଗୁପ୍ତା ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ପୁରସ୍କାର ମିଳିଛି । ଆୟନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ତଥା ଭିଏଫଏକ୍ସ ସୁପରଭାଇଜର୍ ଜୟକର ଅରୁଦ୍ରା, ବିରାଲ ଠକ୍କର ଓ ନୀଲେଶ ଗୋର୍ଙ୍କ ଦ୍ୱାରା ପ୍ରସ୍ତୁତ 'ବ୍ରହ୍ମାସ୍ତ୍ର-ଭାଗ ୧ : ଶିବା'କୁ ଏଭିଜିସି (ଏନିମେସନ୍, ଭିଜୁଆଲ୍ ଇଫେକ୍ଟସ୍ ଗେମିଂ ଓ କମିକ୍) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କାଙ୍କ ଦ୍ୱାରା ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଦମନ'କୁ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ପୁରସ୍କାର ସ୍ୱରୂପ ରଜତ କମଳ ଏବଂ ୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ।

ବିଚାରକ ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରେ ଫିଚର ଫିଲ୍ମ ବିଚାରକ ମଣ୍ଡଳୀ ଅଧ୍ୟକ୍ଷ ରାହୁଲ ରାୱେଲ, ଅଣ-ଫିଚର ଫିଲ୍ମ ବିଚାରକ ମଣ୍ଡଳୀ ଅଧ୍ୟକ୍ଷ ନୀଳମାଧବ ପଣ୍ଡା, ଚଳଚ୍ଚିତ୍ର ଉପରେ ଶ୍ରେଷ୍ଠ ଲେଖା ବିଚାରକ ମଣ୍ଡଳୀ ଅଧ୍ୟକ୍ଷ ଗଙ୍ଗାଧର ମୁଦାଲାୟାର ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ, ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଓ ଯୁଗ୍ମ ସଚିବ ବୃନ୍ଦା ଦେଶାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୧୬।୮ (ମହାଭାରତ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ଓ ତତସଲଗ୍ନ ବାଂଲାଦେଶ ଉପକୂଳ ଅଞ୍ଚଳରେ ଆଜି ସକାଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ କ୍ଷେତ୍ରଟି ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଆଗାମୀ ୨୪ଘଣ୍ଟାରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୪ଘଣ୍ଟାରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିଛି କିଛି ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ଓ ଗୋଟିଏ ଦୁଇଟି ସ୍ଥାନରେ ୨୦ ସେଣ୍ଟିମିଟରୁ ଅଧିକ ବର୍ଷା ହୋଇପାରେ।

ଶନିବାର ମଧ୍ୟ ସମଗ୍ର ରାଜ୍ୟରେ ବର୍ଷା ହେବ। ତେବେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ବର ଓ ଭଦ୍ରକ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାର ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ବିଜେଡି ଛାଡିଲେ ବିଏମସି କର୍ପୋରେଟର୍ ବନ୍ଦିତା ପାଲ

ଭୁବନେଶ୍ୱର, ୧୬।୮ (ମହାଭାରତ): ୨୦୨୪ ନିର୍ବାଚନରେ ପରାଜୟ ହେବା ପରଠାରୁ ବିଜେଡିକୁ ଝଟ୍‌କା ପରେ ଝଟକା ଲାଗୁଛି। ନିକଟରେ ରାଜ୍ୟସଭା ସାଂସଦ ବିଜେଡି ଛାଡି ବିଜେପିରେ ଯୋଗଦେଇଥିବାବେଳେ ଅନାସ୍ଥାରେ ଭବାନୀପାଟଣା ପୌରାଧ୍ୟକ୍ଷ ପଦବୀ ହରାଇବାକୁ ପଡ଼ିଥିଲା। ଏହି କ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓରଫ ବୁନୁଙ୍କ ଉପରେ ଖପ୍ପା ହୋଇ ବିଜେଡି ଛାଡ଼ି ବିଜେପି ଶିବିରକୁ ଲମ୍ଫ ମାରିଛନ୍ତି ୩୭ ନମ୍ବର ୱାର୍ଡର କର୍ପୋରେଟର ବନ୍ଦିତା ପାଲ୍। ଦଳରେ ମିଶିବା ପରେ ବନ୍ଦିତା ଖୁବ୍ ଅସନ୍ତୋଷ ଥିବା ତାଙ୍କ ବୟାନରୁ ସ୍ପଷ୍ଟ ବାରି ହୋଇପଡିଥିଲା। ତେବେ ତାଙ୍କୁ ପରୋକ୍ଷରେ ସମର୍ଥନ କରିଥିଲେ ବିଜେଡି କର୍ପୋରେଟର ଅମରେଶ ଜେନ। ଯାହାକି ଭୁବନେଶ୍ୱର ବିଜେଡିରେ କିଛି ଠିକ୍ ଠାକ ଚାଲିନଥିବା ସହଜରେ ଅନୁମାନ କରାଯାଉଛି।

ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭୁବନେଶ୍ୱର ମହାନିଗର ନିଗମର କର୍ପୋରେଟର୍ ତଥା ବିଜେଡି ନେତ୍ରୀ ବନ୍ଦିତା ପାଲ ନିଜ ଜସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ବିଏମ୍‌ସିର ୩୭ ନମ୍ବର ୱାର୍ଡରୁ ସ୍ୱାଧୀନ ଭାବେ ଜିତି ପରେ ବିଜେଡିରେ ଯୋଗଦେଇଥିଲେ ବନ୍ଦିତା। ବିଜେପିରେ ମିଶିବା ପରେ ସେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ନିଶାନା



କରିଛନ୍ତି। ବନ୍ଦିତା କହିଛନ୍ତି, ୱାର୍ଡରେ ବିକାଶ ମୂଳକ କାମରେ ବାଧକ ସାଜୁଛନ୍ତି ବୁନୁ। ଜାଣିଶୁଣି ହଇରାଣ କରୁଛନ୍ତି। ଏ ନେଇ ବାରମ୍ବାର ନବୀନ ପଟ୍ଟନାୟକ, ଭି.କେ ପାଣ୍ଡିଆନ୍ ଓ ବବି ଦାସଙ୍କୁ ଲିଖିତ ଭାବେ ଜଣାଇଛି। ହେଲେ କିଛି ଲାଭ ନମିଳିବାରୁ ବାଧ୍ୟ ଦଳ ଛାଡ଼ି ଦେଇଲି ବୋଲି ବନ୍ଦିତା କହିଛନ୍ତି। ବନ୍ଦିତାଙ୍କ ସହ ତାଙ୍କ ସ୍ୱାମୀ ତଥା ବିଜେଡି ସାଧାରଣ ସମ୍ପାଦକ ଅର୍ଜୁନ ବେହେରା ଓ ଛାତ୍ର ବିଜେଡି ଉପସଭାପତି ପ୍ରଦ୍ୟୁମ୍ନ ସାମଲ ମଧ୍ୟ ବିଜେଡି ଛାଡ଼ିଛନ୍ତି। ସେମାନେ ସମସ୍ତେ ବିଜେପିରେ ମିଶିଛନ୍ତି। ଏହି ମିଶ୍ରଣ ପରେ ବିଜେଡିକୁ ଆହୁରି ଚିନ୍ତାରେ ପକାଇଛି ବିଦ୍ରୋହୀ ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ବୟାନ।



# ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାଟି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ । ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ । ଏହା କ୍ରିସ୍ପି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ । ଏହାକୁ ଗ୍ରାଇଣ୍ଡ କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ । ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ । ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ । କ୍ଷୀର ଆସ୍ତେ ଆସ୍ତେ ଗାଢ଼ା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ । ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ । ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ । ଏହା ଉପରେ ଗୁଜରାଟି ଗୁଣ୍ଡ ପକାନ୍ତୁ । ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ । ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ । ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ ।

ଖବର

# ରେକର୍ଡ କଲା ସ୍ତ୍ରୀ ୨



ବକ୍ସ ଅଫିସରେ ଧୂମ୍ ମଚାଉଛି ଅମର କୌଶିକଙ୍କ ସିକ୍ୱେଲ ସିନେମା ସ୍ତ୍ରୀ ୨ । ରିଲିଜର ଫାଷ୍ଟ ଡେ କଲେକ୍ସନ ଚଳିତ ବର୍ଷର ବହୁ ନାମି ଦାମୀ ସିନେମାକୁ ପଛରେ ପକାଇ ଦେଇଛି । ଓପନିଂ ଡେରେ ସ୍ତ୍ରୀ ୨ ଆୟ କରିଛି ୫୪.୩୫ କୋଟି ଟଙ୍କା । ସ୍ୱାଧୀନତା ଦିବସରେ ମୁକ୍ତିଲାଭ କରିଥିବା ଏହି ସିନେମା କେବଳ ଆଶାଠାରୁ ଅଧିକ ଆୟ କରି ନୁହେଁ, ବରଂ ବର୍ଷର ସବୁଠାରୁ ବଡ ଓପନର୍ ହୋଇପାରିଛି । ବୁଧବାର (୧୪ ଅଗଷ୍ଟ) ରେ ସ୍ୱତନ୍ତ୍ର ଉଦଘାଟନୀ ପ୍ରିମିୟର୍ ସମୟରେ ଏହି ଫିଲ୍ମ ୮ କୋଟି ଟଙ୍କା ଆୟ କରିଥିଲା । ଏହା ପରେ ଅଫିସିଆଲ୍ ରିଲିଜ୍ ଦିନରେ ୪୬ କୋଟି ଟଙ୍କା ଆୟ କରିଛି, ଯାହା ସର୍ବ ମୋଟ ୫୪.୩୫ କୋଟି ଟଙ୍କାରେ ପହଞ୍ଚିଛି । ଏହି ଆୟ ସହ ରେକର୍ଡ ସୃଷ୍ଟି କରିଛି ସ୍ତ୍ରୀ ୨ ୟ କାରଣ ଚଳିତ ବର୍ଷ ରିଲିଜ୍ ହୋଇଥିବା ବଡ଼ ବଜେଟ ସିନେମା କଳ୍କି ୨୮୯୮ ଏଡି ଏବଂ ଫାଇଟରର ପ୍ରଥମ ଦିନ ଆୟକୁ ଟପି ଯାଇଛି । ସ୍ତ୍ରୀ୨ର ଆୟକୁ ନେଇ ଚର୍ଚ୍ଚା ହେବାକୁ ଆହୁରି ମଧ୍ୟ କାରଣ ରହିଛି । କାରଣ ରିଲିଜର ପ୍ରଥମ ଦିନରେ ଅକ୍ଷୟ କୁମାର ଏବଂ ତାପସୀ ପନ୍ନୁଙ୍କ ଫିଲ୍ମ ଖେଲ ଖେଲ ମେଁ ଏବଂ ଜନ୍ ଅବ୍ରାହମଙ୍କ ଫିଲ୍ମ ବେଦାକୁ କଡ଼ା ଟକ୍କର ଦେଇଥିଲା ସ୍ତ୍ରୀ ୨ ୟଯଦି ସିନେମା କଥା କହିବା, ତେବେ ୨୦୧୮ରେ ରିଲିଜ୍ ହୋଇଥିବା ସ୍ତ୍ରୀର ସିକ୍ୱେଲ ହେଉଛି ସ୍ତ୍ରୀ ୨ । ମୁଖ୍ୟ ଭୂମିକାରେ ଥିବା ଶ୍ରଦ୍ଧା କପୁର ଏବଂ ରାଜକୁମାର ରାଓ ପୂର୍ବ କାହାଣୀର ଚରିତ୍ରରେ ନଜର ଆସିଛନ୍ତି । ସିନେମାର ଏକ ଗୀତରେ ବରୁଣ ଧାୱନଙ୍କୁ ମଧ୍ୟ ଦେଖିବାକୁ ମିଳିଛି । ଶ୍ରଦ୍ଧା ଓ ରାଜକୁମାର ରାଓଙ୍କ ବ୍ୟତୀତ ଅପାରଶକ୍ତି ଖୁରାନା, ଅଭିଷେକ ବାନାର୍ଜୀ ଏବଂ ପଙ୍କଜ ତ୍ରିପାଠୀ ନଜର ଆସିଛନ୍ତି ।

## କେମିତି ହେବ ସୁନିଦ୍ରା।



ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଦୈନିକ ରାତିରେ ୬ରୁ ୮ ଘଣ୍ଟା ଶୋଇବା ଉଚିତ । ନିଦ ଭଲ ନହେଲେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଉଭୟ ପ୍ରଭାବିତ ହୁଏ । କିପରି ହେବ ସୁନିଦ୍ରା ସେ ସଂପର୍କରେ କିଛି...

(୧) ପ୍ରତି ସକାଳେ ବ୍ୟାୟାମ କରନ୍ତୁ । ରାତିରେ ସହଜରେ ନିଦ ଆସିବ ।

(୨) ଠିକ୍ ସମୟରେ ଖାଦ୍ୟ ସେବନ ଦ୍ୱାରା ମଧ୍ୟ ରାତିରେ ଭଲ ନିଦ ହୁଏ ।

(୩) ଉପଯୁକ୍ତ ମାତ୍ରାରେ ପାଣି ପିଅନ୍ତୁ । ରୋଟି, ଦହି ଏବଂ ଫଳ ଏହା ଉତ୍ତମ ଜଳ ପାନର ଏକ ଉଦାହରଣ ।


(୪) ଦ୍ୱିପ୍ରହରରେ ହାଲକା ଭୋଜନ କରନ୍ତୁ । କିଛି ଭାତ, ରୁଟି ସାଙ୍ଗକୁ କିଛି ପ୍ରୋଟିନ ଯଥା ମାଛ, ଅଣ୍ଡା, ଚିକେନ, ମାଂସ କିମ୍ବା ବିନ୍ସ ଅଳ୍ପ ପରିମାଣରେ ଖାଆନ୍ତୁ ।

(୫) ରାତିରେ ଅଳ୍ପ ଖାଆନ୍ତୁ । ଗରିଷ୍ଠ ଏବଂ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।

(୬) ରାତିରେ ଶେଜକୁ ଯିବାର ଅତିକମରେ ତିନି ଘଣ୍ଟା ପୂର୍ବରୁ ହାଲକା ଖାଦ୍ୟ ଖାଆନ୍ତୁ ।

(୭) କଫିନ, ମଦ, ବିଶେଷ କରି ସନ୍ଧ୍ୟାବେଳେ ଏସବୁ ଆଦୌ ସେବନ କରନ୍ତୁ ନାହିଁ ।

# ରାମଙ୍କ ଆଦର୍ଶ ଅନୁକରଣୀୟ



ସମସ୍ତ ପୌରାଣିକ ଆଖ୍ୟାନରେ ଭଗବାନ ଶ୍ରୀରାମଙ୍କୁ ଏକ ଆଦର୍ଶ ପୁତ୍ର ଭାବେ ଦର୍ଶାଯାଇଛି । ମାତା କୈକେୟୀଙ୍କୁ ପିତା ଦଶରଥ ଦେଇଥିବା ସତ୍ୟବଚନକୁ ପାଳନ କରିବାକୁ ଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସକୁ ସହର୍ଷ ସ୍ୱୀକାର କରିଥିଲେ । ତାଙ୍କ ମନରେ ମାତା କୈକେୟୀଙ୍କ ପ୍ରତି ରାମଚନ୍ଦ୍ରଙ୍କ ମନରେ ତିଳେ ମାତ୍ର ଦ୍ୱେଷ ନଥିଲା । ରାମଙ୍କ ମନୋଭାବକୁ ଦର୍ଶାଇବାକୁ ଯାଇ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସରେ ଲେଖିଛନ୍ତି "ସୁନ୍ ଜନନୀ ସୋଇ ସୁତ୍ ବଡ଼ ଭାଗୀ, ଜୋ ପିତୁମାତୁ ବଚନ ଅନୁରାଗୀ", ଅର୍ଥାତ୍ ମାତାପିତାଙ୍କ ବଚନ ପାଳନ କରିବା ପୁତ୍ର ପାଇଁ ବଡ଼ ଭାଗ୍ୟର କଥା ହୋଇଥାଏ । ବନବାସ ଯିବା ସମୟରେ ଭରତ ଅଯୋଧ୍ୟାରେ ନଥିଲେ । ମାମୁଘରୁ ଫେରି ରାମଚନ୍ଦ୍ର ବନବାସ ଯିବା ଖବର ଯେତେବେଳେ ଭରତ ଶୁଣିଲେ, ତାଙ୍କ ମନ ଦୁଃଖ ହୋଇଥିଲା । ସେ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବାକୁ ଗଲେ, କିନ୍ତୁ ରାମଚନ୍ଦ୍ର ସତ୍ୟପାଳନ ନକରିବା ପୂର୍ବରୁ ଘରକୁ ଫେରିବା ଲାଗି ରାଜି ହେଲେ ନାହିଁ । ଏହି ସମୟରେ ମାତାପିତାଙ୍କ ଯତ୍ନ ନେବା ଲାଗି ରାମଚନ୍ଦ୍ର ଅନୁଜ ଭରତଙ୍କୁ କହିଥିଲେ । ବର୍ତ୍ତମାନ ସମୟରେ ମାତାପିତାଙ୍କ ଯତ୍ନ ନେବା ତ' ଦୂରର କଥା ମାତାପିତାଙ୍କ ସହ ଯିବା ଲାଗି ପୁତ୍ରଙ୍କ ମନରେ କୁଣ୍ଠାଭାବ ଜାତ ହେଉଛି । ଏଭଳି ବ୍ୟକ୍ତିବିଶେଷଙ୍କ ପାଇଁ ରାମଙ୍କ ଆଦର୍ଶ ଅନୁକରଣୀୟ । କେବଳ ଜଣେ ଆଦର୍ଶ ପୁତ୍ର ନୁହନ୍ତି, ରାମଚନ୍ଦ୍ର ଥିଲେ ଆଦର୍ଶ ଭ୍ରାତା, ଆଦର୍ଶ ଶିଷ୍ୟ, ଆଦର୍ଶ ଶାସକ ତଥା ସମ୍ପୂର୍ଣ୍ଣ ଆଦର୍ଶ ପୁରୁଷ ।

# ଜାଣନ୍ତୁ ଶୁଭ ସମୟ ପୂର୍ବରୁ ୧୪ଟି ସଙ୍କେତ ବିଷୟରେ



ଶୁଭସମୟ ଆସିବା ପୂର୍ବରୁ କିଛି ଘଟଣା ଜୀବନରେ ଘଟିଥାଏ । ଯାହା ଭଲ ସମୟ ଆରମ୍ଭ ହେବାର ସଙ୍କେତ ଦେଇଥାଏ । ଯଦି ସେହି ସଙ୍କେତ ସକାଳ ସମୟରେ ଦେଖାଯାଉଛି, ତେବେ ସୌଭାଗ୍ୟର ଦରଜା ଆପଣଙ୍କ ପାଇଁ ଖୋଲିବାକୁ ଯାଉଛି ବୋଲି ମାନ୍ୟତା ରହିଛି । ଜାଣନ୍ତୁ ସେଭଳି କିଛି ସଙ୍କେତ ବିଷୟରେ .

ଧଳା ଗାଈ: ଯଦି ଧଳା ରଙ୍ଗର ଗାଈ ଦରଜା ସମ୍ମୁଖକୁ ଆସି ଶବ୍ଦ କରନ୍ତି, ତେବେ ଆପଣଙ୍କ ଘରେ ସୁଖସମୃଦ୍ଧିର ବୃଦ୍ଧି ହେବାର ଏହାର ସଙ୍କେତ ଦେଇଥାଏ ।

ମଧୁର ଧ୍ୱନି: ସକାଳ ସମୟରେ ଯଦି ଆପଣଙ୍କୁ ମନ୍ଦିର ଘଣ୍ଟି, ଶଙ୍ଖ ଅଥବା ଭଜନ କୀର୍ତ୍ତନର ଧ୍ୱନି ଶୁଣାଯାଏ, ତେବେ ଏହାକୁ ଶୁଭ ସଙ୍କେତ କୁହାଯାଏ ।

ନବବଧୂଙ୍କୁ ଦେଖିବା: ରାସ୍ତାରେ ଯାଉଥିବା ସମୟରେ ହଠାତ ନବବଧୂଙ୍କୁ ଦେଖିଲେ ଏହାକୁ ମଧ ଶୁଭ ସଙ୍କେତ କୁହାଯାଏ ।

ଶ୍ରୀଫଳ: ସକାଳେ ଉଠିବା ପରେ ଶ୍ରୀଫଳ ଦେଖିଲେ ଶୁଭ ଖବର ମିଳିଥାଏ ।

କୁହାଯାଏ ରାସ୍ତାରେ ଯିବା ସମୟରେ ପକ୍ଷୀ ଆପଣଙ୍କ ଉପରେ ମଳତ୍ୟାଗ କରିବା ଶୁଭ ବୋଲି କୁହାଯାଏ ।

ବର୍ଷା ହେବା ସମୟରେ ହଠାତ ସୂର୍ଯ୍ୟ ଦେଖାଯିବା ଧନସମ୍ପତ୍ତି ବୃଦ୍ଧି ହେବାର ସଙ୍କେତ ଦେଇଥାଏ ।

ଝରକାରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବା ଅଥବା ଜଳାଶୟ ଦେଖାଯିବା ମଧ ଶୁଭଙ୍କର ।

ଘରର ଛାତରେ ବସିଥିବା କୋଇଲି କିମ୍ବା ପକ୍ଷୀଙ୍କ ମଧୁର ସ୍ୱର ଶୁଣିବା ମଧ ଶୁଭଙ୍କର ।

ସକାଳେ ଉଠିବା ମାତ୍ରେ ସର୍ବପ୍ରଥମେ ଦହି କିମ୍ବା ଖିର ଦେଖାଯିବା ଶୁଭ ସଙ୍କେତ କୁହାଯାଏ । ଏହାଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ ।

କଇଁଛ ଦେଖିବା ମଧ ଶୁଭ ବୋଲି କୁହାଯାଏ ।

ଘରର ଦରଜା ସମ୍ମୁଖରେ ଯଦି ହାତୀ ଶୁଣ୍ଢ ଉପରକୁ କରେ ତେବେ ଧନସମ୍ପତ୍ତି, ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି କୁହାଯାଏ ।

ଅଜାଣତରେ ଓଲଟା ପୋଷାକ ପିନ୍ଧିବା ସୁଖସମୃଦ୍ଧି ପ୍ରାପ୍ତିର ସଙ୍କେତ ଦେଇଥାଏ ।

ସକାଳ ସମୟରେ ରାସ୍ତାରେ ଆଖୁ ଦେଖିବା ମଧ ଶୁଭଙ୍କର ।


ମୟୁର ପଙ୍ଖକୁ ଖୋଲାକରି ଥିବା ଅବସ୍ଥାରେ ଦେଖିବା ମଧ ଶୁଭଙ୍କର ।

ହାତ ପାପୁଲି କୁଣ୍ଡାଇ ହେବା ଶୁଭ ସଙ୍କେତ ବୋଲି କୁହାଯାଏ ।

ସମୁଦ୍ର କୂଳରେ ମୋତି ମିଳିବା ମଧ ଶୁଭ ସଙ୍କେତ ପ୍ରଦାନ କରିଥାଏ ।

## ଝିଟିପିଟି, ଅସରପା ଓ ମାଛି ଘଉଡାଇବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଉପାୟ

ସମସ୍ତଙ୍କ ଘରେ ବର୍ଷର ବିଭିନ୍ନ ସମୟରେ କିଛି ନା କିଛି ପୋକ ମାଛି ଦେଖିବାକୁ ମିଳିଥାଏ । ମଶା, ମାଛି, ଅସରପା, ଝିଟିପିଟି ବର୍ଷକ ବାରମାସ ଘରେ ହଇରାଣ କରିଥାନ୍ତି । ଏହିସବୁ କୀଟପତଙ୍କ ଓ ସରିସୃପ ଥରେ ଘରେ ବସା ବାନ୍ଧିଲେ,



ଯିବାର ନାଁ ଧରନ୍ତିନି । ଆଉ ଏଥିରୁ ରକ୍ଷା ପାଇବା ଲାଗି ଅନେକ ବଜାରରେ ମିଳୁଥିବା ବିଭିନ୍ନ ପଅକାରର କୀଟପତଙ୍କ ସ୍ପ୍ରେ ବ୍ରବହାର କରିଥାନ୍ତି । କିନ୍ତୁ ଏହାର ପ୍ରଭାବ ବେଶୀ ଦିନ ରହିନଥାଏ । ଫଳରେ ସମସ୍ୟା ଲାଗି ରହିଥାଏ । ତେବେ ଏଥିରେ ଚିନ୍ତା କରିବାର କିଛି ନାହିଁ । ଆପଣ ଘରୋଇ ଉପାୟରେ ବି ଏହି ସବୁ କୀଟପତଙ୍କ ଓ ସରିସୃପଙ୍କୁ କିପରି ଘଉଡାଇ ପାରିବେ । ଚାଲନ୍ତୁ ଜାଣିବା କେମିତି ଏମିତି କରିବେ ।

ମାଛି ଘଉଡାଇବା କିପରି: ଫାଳେ ସେଓରେ ଲବଙ୍ଗ ଲଗାଇ ଏପରି ସ୍ଥାନରେ ରଖନ୍ତୁ ଯେଉଁଠି ଅଧିକ ମାଛି ବସୁଛନ୍ତି । ଏମିତି କରିବା ଦ୍ୱାରା ମାଛି ସବୁଦିନ ପାଇଁ ଘରୁ ପଳାଇଥାଏ । ତୁଳସୀ ଗଛ ଲଗାଇବା ଦ୍ୱାରା ମଧ୍ୟ ଘରେ ମାଛି ହୋଇନଥାନ୍ତି । ତେଣୁ ଘରେ ତୁଳସୀ ଗଛ ଲଗାନ୍ତୁ । ଏହାସହ ଘରେ କର୍ପୁର ଜାଳନ୍ତୁ । ଏହି ଧୂଆଁ ଘରେ ବ୍ୟାପିବା ଫଳରେ ବି ମାଛି ପଳାଇଯାଆନ୍ତି ।


ଝିଟିପିଟି ଘଉଡାଇବା ଲାଗି: ଯଦି ଘରୁ ଝିଟିପିଟି ତଡିବା ପାଇଁ ଚାହୁଁଛନ୍ତି, ତେବେ ପ୍ରତ୍ୟେକ କବାଟ ଓ କାନ୍ଥରେ ରସୁଣ କୋଳା ଛଡାଇ ଟାଙ୍ଗି ଦିଅନ୍ତୁ । ରୋଷେଇ ଘର କିମ୍ବା ଝରକାରେ ଅଣ୍ଡା ଖୋଳ ରଖନ୍ତୁ । ଏହା ଦ୍ୱାରା ଝିଟିପିଟି ଘରେ ରହିବେ ନାହିଁ ।

ଅସରପା ଘଉଡାଇବା ଲାଗି: ସାଧାରଣତଃ ସମସ୍ତଙ୍କ ଘରେ ଅସରପା ଗୋଟିଏ ବଡ ସମସ୍ୟା । କାରଣ ଅସରପା ଲୋକଙ୍କୁ ବହୁ ହଇରାଣ କରଥାନ୍ତି । ଏପରିସ୍ଥଳେ ପାଣିରେ ବେକିଂ ସୋଡା ମିଶାଇ ପୋଛା ଲଗାନ୍ତୁ । ଏହାଦ୍ୱାରା ଅସରପା ଘରୁ ପଳାଇଯିବେ । ଆଲମାରୀ ଏବଂ ଝରକାରେ ବୋରେକ୍ସ ପାଉଡର ସିଞ୍ଚିବା ଦ୍ୱାରା ମଧ୍ୟ ଘରୁ ଅସରପା ପଳାଇଯାନ୍ତି ।

# ବଡ଼ ବଡ଼ ସ୍ୱପ୍ନ ଦେଖାଇବାରେ ବିଶ୍ୱାସ କରେ ନାହିଁ, ଯାହା ପ୍ରତିଶ୍ରୁତି ଦେଇଛି ତାକୁ ପାଳନ କରିବି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୮ (ମହାଭାରତ): ୭୮ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଦବୋଧନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବଡ଼ ବଡ଼ ସ୍ୱପ୍ନ ଦେଖାଇବାରେ ବିଶ୍ୱାସ କରେ ନାହିଁ, ଯାହା ପ୍ରତିଶ୍ରୁତି ଦେଇଛି ତାକୁ ପାଳନ କରିବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ, ଆଜି, ଭାରତ ବର୍ଷର ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ଦେଶ ଓ ରାଜ୍ୟ ତଥା ସାରା ବିଶ୍ୱରେ ରହୁଥିବା ପ୍ରତ୍ୟେକ ଭାରତବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ସେ କହିଛନ୍ତି ଯେ, ମୁଁ, ମାଟିର ମଣିଷ। ଏ ମାଟି, ମୋର ମା' । ମୁଁ, ଖାଂଟି ଓଡ଼ିଆ। ମୋ ମାଟିର ସ୍ୱାର୍ଥ ପାଇଁ, ମୁଁ ଲଢେଇ କରିବା ଜାଣିଛି। ମୋ ମାଟିର ପୁଅ ଝିଅଙ୍କ ପାଇଁ କାମ କରିବା ଜାଣିଛି। ମୁଁ ବଡ଼ ବଡ଼ ସ୍ୱପ୍ନ ଦେଖାଇବାରେ ବିଶ୍ୱାସ କରେ ନାହିଁ । କିନ୍ତୁ ଯାହା ପ୍ରତିଶ୍ରୁତି ଦେବି, ତାକୁ ନିଶ୍ଚୟ ପାଳନ କରିବି। ଆପଣଙ୍କ ସରକାର ଆପଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାକୁ ଗୋଟିଏ ଗୋଟିଏ କରି ପାଳନ କରି ଚାଲିଛନ୍ତି, ଆମର ପ୍ରତିଶୃତି ପଥରରେ ଅଙ୍କା ହୋଇଥିବା ଚିତ୍ର ପରି। ମହାପ୍ରଭୁଙ୍କ ଶ୍ରୀ ମନ୍ଦିରର ଚାରି ଦ୍ୱାର ଖୋଲିବା ଠାରୁ ଆରମ୍ଭ କରି ରତ୍ନ ଭଣ୍ଡାର ଖୋଲିବା, ଓଡ଼ିଆ ଅସ୍ମିତା ପାଇଁ ପାଣ୍ଠି ସୃଷ୍ଟି କରିବା, ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବା ପାଇଁ ପ୍ରଶାସନକୁ ପ୍ରସ୍ତୁତ କରିବା ଆଦି ଅନେକ ପ୍ରତିଶୃତି ଆମେ ପ୍ରଥମ ୬୦ ଦିନରେ ପାଳନ କରିସାରିଛୁ। ଆମର କୃଷକ ଭାଇ ଭଉଣୀମାନଙ୍କ ଆର୍ଥିକ ଉନ୍ନତି ଓ ମହିଳାମାନଙ୍କ ସାମଗ୍ରିକ ବିକାଶ ଆମର ମୁଖ୍ୟ ସଂକଳ୍ପ। ଶାସନର ୧୦୦ ଦିନ ମଧ୍ୟରେ ସେ ଦୁଇଟି ପ୍ରତିଶୃତି ପୂରଣ କରିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି। ବଜେଟରେ ଏଥିପାଇଁ ବିଧିବଦ୍ଧ ଭାବେ ଅର୍ଥ ବରାଦ କରାଯାଇଛି। ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ସାରା ଦେଶରେ ସର୍ବାଧିକ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବା ପାଇଁ ଅର୍ଥ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମ ଦିବସ ଅବସରରେ ସେପ୍ଟେମ୍ବର ୧୭ ତାରିଖରେ ତାଙ୍କ ଗରିମାମୟ ଉପସ୍ଥିତିରେ ଏହି ଯୋଜନାର ଶୁଭାରମ୍ଭ କରାଯିବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି। ଆମର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓଡ଼ିଶାର ଗ୍ରାମାଂଚଳର ଅର୍ଥନୀତିକୁ ଚଳଚଂଚଳ କରିବ ଏବଂ ଆମକୁ ବିକାଶ ପଥରେ ଆଗେଇ ନେବ। ଗ୍ରାମାଂଚଳର ଅର୍ଥନୀତି ସମୃଦ୍ଧ ହେଲେ ସାରା ଓଡିଶା ସମୃଦ୍ଧ ହେବ। କେବଳ କୃଷକ ଓ ମହିଳା ନୁହେଁ, ସମାଜର ସବୁ ବର୍ଗର ସାମଗ୍ରିକ ଉନ୍ନତି ଆମର ଲକ୍ଷ୍ୟ। ସେଥିପାଇଁ, ଆଦିବାସୀବହୁଳ ଜିଲ୍ଲା ମାନଙ୍କର ସାମୁହିକ ବିକାଶ ପାଇଁ ପିଇଏସଏ ଆଇନ ଲାଗୁ କରିବା ପାଇଁ ଆମେ ପଦକ୍ଷେପ ନେଉଛୁ। ତୃଣମୂଳସ୍ତରରୁ ବିକାଶର ଇଞ୍ଜିନକୁ ଆଗେଇ ନେବାପାଇଁ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ଯୋଜନା ପାଇଁ ପ୍ରସ୍ତାବ ଗ୍ରହଣ କରାଯିବ, ଯାହା ପଂଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବ ଏବଂ ଆଗାମୀ ଦିନରେ ବିକଶିତ ଓଡିଶା ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶ ପାଇଁ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା



ବିଶ୍ୱାସ, ସବ୍‌କା ପ୍ରୟାସ'ର ଗୁରୁ ମନ୍ତ୍ର ଦେଇଛନ୍ତି। ସେଇ ମନ୍ତ୍ରରେ ଦୀକ୍ଷିତ ହୋଇ, ସମସ୍ତଙ୍କୁ ସାମିଲ କରି, ଓଡିଶାବାସୀଙ୍କ ସେବା କରିବାକୁ ଆମେ ପ୍ରତିଶୃତିବଦ୍ଧ। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ, ନିଯୁକ୍ତି, ଦକ୍ଷତା ବିକାଶ ଏବଂ ଗରୀବ ଲୋକଙ୍କ କଲ୍ୟାଣ- ଏ ସବୁ ଲକ୍ଷ୍ୟ ପୂରଣ ପାଇଁ ଆମେ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଖାଲି ପଡିଥିବା ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତାହାସହିତ ଆଗାମୀ ୫ ବର୍ଷରେ ଓଡିଶାର ଯୁବକଯୁବତୀ ମାନଙ୍କ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରାଯିବ।

ରାଜ୍ୟରେ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ସହଜ ଭାବରେ ପହଂଚାଇବା ପାଇଁ ଆୟୁଷ୍ମାନ ଭାରତ ଯୋଜନା ସହିତ ରାଜ୍ୟ ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି, ଯେଉଁଥିରେ କୌଣସି ଯୋଗ୍ୟ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଂଚିତ ହେବେ ନାହିଁ ।ଆମର ବିକାଶର ରାସ୍ତାରେ ଆମେ ୩ଟି ବଡ ମାଇଲଖୁଂଟ ଧାର୍ଯ୍ୟ କରିଛୁ। ୨୦୨୯, ୨୦୩୬ ଓ ୨୦୪୭। ମାନ୍ୟବର ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ବିକଶିତ ଭାରତର ବିସ୍ତୃତ ସ୍ୱରୂପ ମଧ୍ୟରେ ଆମକୁ ଓଡିଶାର ବିକାଶକୁ ଆଗେଇ ନେଇ ୨୦୩୬ ମଧ୍ୟରେ ଓଡିଶାର ଅର୍ଥନୀତିକୁ ସମୃଦ୍ଧ କରିବାକୁ ପଡିବ ।ଆମର ଚିନ୍ତା ଓ ଚେତନାରେ କେବଳ ଗୋଟିଏ ଲକ୍ଷ୍ୟ ରହିଛି। ତାହା ହେଉଛି, ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରି ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପାଇଁ ଅମାପ ସୁଯୋଗ ସୃଷ୍ଟି କରିବା। ଏଥିପାଇଁ ଆମେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ 'ପୂର୍ବୋଦୟ' ଉପରେ ଅନେକ ଗୁରୁତ୍ୱାରୋପ କରି ଆସୁଛନ୍ତି। ଦେଶର ବିକାଶର ରେଳ ଗାଡ଼ିରେ ଓଡ଼ିଶା ପ୍ରଥମ ବଗି ଭାବରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ବିକାଶର ଡବଲ ଇଞ୍ଜିନ ମଡେଲ ଯେ ଓଡ଼ିଶାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବ, ଏଥିରେ ସନ୍ଦେହ ନାହିଁ। ଓଡ଼ିଶାକୁ ପୂର୍ବ ଓ ଦକ୍ଷିଣ ପୂର୍ବ ଏସିଆର ଦ୍ୱାରଦେଶ ରୂପେ ବିକଶିତ କରିବା ଆମର ଲକ୍ଷ୍ୟ। ସେଥିପାଇଁ ୪୮୦ କିଲୋମିଟର ସୁଦୀର୍ଘ ବେଳାଭୂମିର ସୁବିନିଯୋଗ କରି ବନ୍ଦର ଓ ବନ୍ଦର ଭିତ୍ତିକ ଶିଳ୍ପର ବିକାଶ ପାଇଁ ଆମେ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛୁ। ଏଥିପାଇଁ ସଡ଼କ ପଥ, ରେଳପଥ, ଶିଳ୍ପାଂଚଳ, ବିଦ୍ୟୁତ୍ ଗ୍ରୀଡ ଆଦି ଭିତ୍ତିଭୂମିର ବ୍ୟାପକ ବିକାଶ କରାଯିବ। ନିକଟରେ ରେଳ ମନ୍ତ୍ରାଳୟ, ଓଡ଼ିଶା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ରେଳପଥ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ମୁଁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି। ଏହି ୬ ଗୋଟି ପ୍ରକଳ୍ପ ଦକ୍ଷିଣ ତଥା ଉତ୍ତର ଓଡିଶାର ଅନେକ ଆଦିବାସୀ ବହୁଳ ଜିଲ୍ଲାମାନଙ୍କୁ ରେଳପଥରେ ସଂଯୋଗ କରି, ବିକାଶ ପଥରେ ସାମିଲ ହେବାର ପଥ ଉନ୍ମୁକ୍ତ କରିବ।

ସେ କହିଛନ୍ତି ଯେ, ଓଡ଼ିଶାବାସୀ ସ୍ୱାଭିମାନୀ। ଇତିହାସ ଏହାର ସାକ୍ଷୀ ରହିଛି। ଏଇ ମାଟି ଦିନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିବର୍ତ୍ତନ କରିଥିଲା। ଅଶୋକ, କଳିଙ୍ଗ ମାଟିର ଇତିହାସ ପରିବର୍ତ୍ତନ କରିବାକୁ ଆସିଥିଲେ। କିନ୍ତୁ ଆମେ ତାଙ୍କର ହୃଦୟ ପରିବର୍ତ୍ତନ କରିଦେଇଥିଲେ। ଏହାର ଅନେକ ବର୍ଷ ପରେ ସମ୍ରାଟ ଖାରବେଳ ମଗଧ ବିଜୟ କରି କଳିଙ୍ଗର ପରାକାଷ୍ଠା ଦେଖାଇ ଥିଲେ।

# ସହିଦଙ୍କ ବଳିଦାନ ଏବେବି ଜାଜ୍ଜୁଲ୍ୟମାନ : ରାଜ୍ୟପାଳ

ଭୁବନେଶ୍ୱର, ୧୬।୮ (ମହାଭାରତ): ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ସହିଦମାନଙ୍କର ବଳିଦାନ ଏବେବି ଜାଜ୍ଜୁଲ୍ୟମାନ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ଓଡ଼ିଶା ଭାସ୍କର' ପକ୍ଷରୁ ଆୟୋଜିତ 'ମା' ତୁଝେ ସଲାମ' କାର୍ଯ୍ୟକ୍ରମର ପଂଚଦଶ ସଂସ୍କରଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ ଏହା କହିଥିଲେ। ଉଦ୍‌ବୋଧନଛଳରେ ରାଜ୍ୟପାଳ କହିଥିଲେ ଯେ ସେହି ସହିଦମାନଙ୍କ ଦେଶପ୍ରେମର ଗାଥାକୁ ଆଜିକାର ଯୁବପିଢ଼ୀ ଅନୁକରଣ କରିବା ସହ ମା' ମାଟିର ସୁରକ୍ଷା ପାଇଁ ବ୍ରତୀହେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଯେଉଁ ମହାମନିଷୀମାନେ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ ଆଜି ହେଉଛି ସେମାନଙ୍କୁ ସ୍ମରଣ କରିବାର ଦିନ। ଭାରତର ସ୍ୱାଧୀନତା ସଂଗ୍ରାମ ସାରା ବିଶ୍ୱ



ଇତିହାସରେ ଏକ ଅନନ୍ୟ ଅଧ୍ୟାୟ। ଯେଉଁ ସହିଦମାନେ ଦେଶକୁ ସୁରକ୍ଷା ଦେବାରେ ଅବଦାନ ରଖି ଯାଇଛନ୍ତି ସେମାନଙ୍କୁ ଏ ଜାତି, ଦେଶ କେବେବି ଭୁଲି ପାରିବ ନାହିଁ । ଦେଶ ପ୍ରେମ ଓ ଜାତୀୟତାବୋଧରେ ସେମାନେ ଉଦ୍‌ବୃଦ୍ଧ ହୋଇ ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବାର ଯେଉଁ ମହାନ ଆଦର୍ଶ ସୃଷ୍ଟି କରି ଯାଇଛି' ତାହା ଆଜି ଯୁବ ସମାଜକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ବୀର ସହିଦ୍‌ମାନଙ୍କର ପରିବାରଙ୍କୁ ସମ୍ମାନିତ କରିବା ପାଇଁ ଓଡ଼ିଶା ଭାସ୍କରର ଉଦ୍ୟମକୁ ପ୍ରଶଂସା କରିଥିଲେ। ସହିଦ ପରିବାରର ପିଲାମାନଙ୍କ ଶିକ୍ଷା ପାଇଁ ରାଜ୍ୟପାଳ ପ୍ରତି ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିଲେ। ଏତଦ୍‌ବ୍ୟତୀତ ସହିଦ ପରିବାରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମସ୍ଥଳକୁ ପହଂଚିବା ପରେ ରାଜ୍ୟପାଳଙ୍କୁ ବିଏସ୍‌ଏଫ୍ ଗାର୍ଡ କମାଣ୍ଡର ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ପ୍ରଦର୍ଶନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ବି.ଏସ୍.ଏଫ୍. ର ଆଇ.ଜି. ଚାରୁଧ୍ୱଜ ଅଗ୍ରୱାଲ, ଭାରତୀୟ ତଟରକ୍ଷୀ ବାହିନୀର ଡ.ଆଇ.ଜି. ଏସ୍.ଆର୍. ଦାସ, ସିଆରପିଏଫ୍ ଗ୍ରୁପ୍ ସେଂଟର, ଭୁବନେଶ୍ୱରର ଡି.ଆଇ.ଜି. ବି.ବି. ସେଠୀ, ୧୨୦ଇନ୍‌ଫାଂଟ୍ରୀ ବାଟାଲିୟନର କମାଣ୍ଡିଂଗ୍ ଅଫିସର କର୍ଣ୍ଣେଲ ରୋହିତ କୁମାର ସିଂ, ବାୟୁସେନାର ୯ ଏୟାରମ୍ୟାନ୍ ସିଲେକ୍‌ସନ୍ ସେଂଟରର କମାଣ୍ଡିଙ୍ଗ୍ ଅଫିସର ଉଇଙ୍ଗ୍ କମାଣ୍ଡାର ରାଜଲକ୍ଷ୍ମୀ ପୃଥ୍ୱୀରାଜ, ଓଡ଼ିଶାର ଏନ୍.ସି.ସି. ନିର୍ଦ୍ଦେଶକ କର୍ଣ୍ଣେଲ ସାଗର କୁମାର ମହାଁ ବକ୍ତବ୍ୟ ପ୍ରଦାନ କରି ଦେଶର ସ୍ୱାଧୀନତା ଓ ସୁରକ୍ଷାରେ ଯେଉଁ ଯବାନ୍‌ମାନେ ସହିଦ୍ ହୋଇ ଅମର ଗାଥା ରଚିଯାଇଛନ୍ତି ସେମାନଙ୍କୁ ସ୍ମରଣ କରିବାର ଅବସର ଆସିଛି ବୋଲି କହିଥିଲେ। ସହିଦ୍ ଯବାନଙ୍କ ପରିବାରକୁ ଧର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିବାକୁ ଆହ୍ୱାନ ଜଣାଇଥିଲେ ଏବଂ ସହିଦ୍‌ମାନଙ୍କ ପରିବାର ପ୍ରତି ସମସ୍ତଙ୍କର ସମବେଦନା ଓ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ଭାସ୍କରର ସିଇଓ ତଥା ସଂପାଦକ କୌସ୍ତୁଭ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ମା' ତୁଝେ ସଲାମ' କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଭାସ୍କର ଡ଼ିଜିଟାଲର ପ୍ରତିଷ୍ଠାତା ତିଳକରାଜ ମହାନ୍ତିନିଜ ବକ୍ତବ୍ୟରେ ସହିଦ ଯବାନଙ୍କ ପରିବାରକୁ ସମ୍ମାନ ପ୍ରଦର୍ଶନ ଓ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣର ଅନନ୍ୟ ଚିନ୍ତାଧାରା ସଂପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଶା ଭାସ୍କରର ମୁଖ୍ୟ ସଂପାଦକ ପ୍ରଦୋଶ ପଟ୍ଟନାୟକ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି କହିଥିଲେ।

## ହଂସପାଳ ଓଭରବ୍ରିଜରେ ନିମ୍ନ ମାନର କାର୍ଯ୍ୟ ଅଭିଯୋଗ

ଭୁବନେଶ୍ୱର, ୧୬।୮ (ମହାଭାରତ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ସ୍ଥିତ ହଂସପାଳ ବ୍ରିଜ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଏବଂ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଯୁବ କଂଗ୍ରେସ ଅଭିଯୋଗ କରିବା ସହ ଧାରଣା ଏବଂ ପ୍ରତିବାଦ ଜଣାଇ ହଂସପାଳ ଓଭରବ୍ରିଜ ନିକଟରେ ରାସ୍ତାରୋକ କରି ପ୍ରତିବାଦ ଜଣାଇଛନ୍ତି। ଯୁବ କଂଗ୍ରେସର ଅଭିଯୋଗ ଥିଲା ଯେ ଦୀର୍ଘ ବର୍ଷଧରି ଏହି ଓଭରବ୍ରିଜର କାର୍ଯ୍ୟ ଶେଷ ନହୋଇ ପଡ଼ିରହିଛି। ଇତି ମଧ୍ୟରେ ଏନଏଚଆଇ କର୍ତୃପକ୍ଷ ପୂର୍ବରୁ କାର୍ଯ୍ୟକରୁଥିବା ଠିକା ସଂସ୍ଥା କୁ ଅହେତୁକ ଅନୁକମ୍ପା ଦେଖାଇଥିବା ବେଳେ ସେ କାର୍ଯ୍ୟ ଶେଷ ନକରି ମୋଟା ଅଙ୍କର ବିଲ କରିନେଇଛି। ଉକ୍ତ ଠିକା ସଂସ୍ଥା ବ୍ରିଜେଶ ଅଗ୍ରୱାଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଚୁପ ବସିଛନ୍ତି ଏନଏଚଆଇ କର୍ତୃପକ୍ଷ। ବର୍ତମାନ ଅଭିସ୍ଥା କଂନଷ୍ଟ୍ରକସନ କାମର ଦାୟିତ୍ୱ ନେଇଥିବା ବେଳେ ତରବରିଆ ଭାବରେ ନିମ୍ନମାନର କାର୍ଯ୍ୟ କରୁଥିବା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଭୁବନେଶ୍ୱର ସାଂସଦ



ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ବାହା ବାହା ନେବାପାଇଁ ତରବରିଆ ଭାବରେ ଗତ କିଛିଦିନ ତଳେ ଏକ ପାଖିଆ ରାସ୍ତାକୁ ଉନ୍ମୋଚନ କରିଥିଲେ। ଯୁବ କଂଗ୍ରେସ ଅଭିଯୋଗ କରିଛିଯେ ଉକ୍ତ ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଥିବା ବେଳେ ପ୍ରତ୍ୟେକ ଦିନ ଉକ୍ତ ରାସ୍ତାରେ ନାହିଁ ନଥିବା ଭିଡ଼ ହେଉଥିବାରୁ ସାଧାରଣ ଲୋକମାନେ ଗମନାଗମନ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ଯଦି ଉକ୍ତ ଓଭରବ୍ରିଜର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ କାର୍ଯ୍ୟର ମାନ ସଠିକ ନହୁଏ ତାହାଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାପାଇଁ ଯୁବ କଂଗ୍ରେସ ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ରଣଜିତ ପାତ୍ର, ୟାସିର ନୱାଜ, ସୁଦୀପ ସାମଲ, ନିହାର ବେହେରା, ମିର୍ଜ ଇସଲାମ ବେଗ, ଗଣେଶ ଦାଶ, ବିଶ୍ୱଭୂଷଣ ମହାପାତ୍ର, ବାଦଲ ନାୟକ, କିରଣ ସାହୁ, ଶ୍ରୀୟାସ୍ମିତା ପଣ୍ଡା, ସାଗର ପଟ୍ଟନାୟକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ ତଦାରଖ ଅଧିକ ପ୍ରଭାବୀ କର : ମୁଖ୍ୟ ସଚିବ

ଭୁବନେଶ୍ୱର, ୧୬/୮ (ମହାଭରତ): ସ୍ୱଚ୍ଛବାୟୁ, ନିରାପଦ ପିଇବା ପାଣି ଓ ସୁସ୍ଥ ପରିବେଶରେ ବଂଚିବା ସହ ନିରନ୍ତର ବିକାଶ ଧାରାରେ ଆଗକୁ ବଢ଼ିବାରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସପିସିବି) ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବାୟୁର ସ୍ୱଚ୍ଛତା, ଶିଳ୍ପ କାରଖାନାରୁ ନିର୍ଗତ ଧୂଆଁ,ବିଭିନ୍ନ ପ୍ରଦୂଷଣ ସୃଷ୍ଟିକାରୀ ବାଷ୍ପ, ବର୍ଜ୍ୟବସ୍ତୁ ସମେତ ନଦୀ, ହ୍ରଦ, ପୋଖରୀ, ଭୂତଳ ଜଳ ଓ ସମୁଦ୍ର ଇତ୍ୟାଦିର ଜଳ ଉପରେ ନଜର ରଖି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ପରାମର୍ଶ ଦେଇଥାଏ। ବିକଶିତ ଜ୍ଞାନ କୌଶଳ ଦ୍ୱାରା ଏବେ ରିୟଲ-ଟାଇମ୍ ପଦ୍ଧତିରେ ଦୁର୍ଗମ ସ୍ଥାନରୁ ପରିବେଶର ଗୁଣବତ୍ତା ଉପରେ ନଜର ରଖିବା ସମ୍ଭବ



ହୋଇପାରୁଛି। ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ଏହାର ନିରୀକ୍ଷଣ ତଥା ତଦାରଖ ବ୍ୟବସ୍ଥା ବୋର୍ଡର ପ୍ରମୁଖ କାର୍ଯ୍ୟ ହୋଇଥିବା ବେଳେ ଏହାକୁ ଅଧିକ ପ୍ରଭାବୀ କରିବା ପାଇଁ ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବାକୁ ଆଜି ମୁଖ୍ୟ ଶାସନ ସଚିବତଥା ଓ ଏସପିସିବିର ଅଧ୍ୟକ୍ଷ ମନୋଜ ଆହୁଜା ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ୧୩୧ତମ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ବୋର୍ଡରବିଭିନ୍ନ କାର୍ଯ୍ୟସଂପର୍କରେ ସମୀକ୍ଷାପୂର୍ବକ ଓଏସପିସିବିକୁ ବିଭିନ୍ନ କ୍ଷେତ୍ରରେ ରହୁଥିବା ପରିବେଶ ସମସ୍ୟାର ସମାଧାନ ପାଇଁ ବ୍ୟାପକ ରଣନୀତି ପଦ୍ଧତି ପ୍ରସ୍ତୁତି ଓ ତାହାକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡଃକେ.ମୁରୁଗେସନଙ୍କ ସମେତ ବୋର୍ଡର ଅନ୍ୟ ସଦସ୍ୟ ମାନେ ଉପସ୍ଥିତଥିଲେ। ବୈଠକରେ ବୋର୍ଡ ଅଧୀନରେ ପରିବେଶ ନିରୀକ୍ଷଣ ଏବଂ ତଥ୍ୟ ବିଶ୍ଲେଷଣକେନ୍ଦ୍ର ( ସେଣ୍ଟର ଫର ଏନଭିରନମେଣ୍ଟ ମନିଟରିଂ ଆଣ୍ଡ ଡାଟା ଆନାଲିସିସ୍ ) ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି କେନ୍ଦ୍ର ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ତଦାରଖବ୍ୟବସ୍ଥା, ବିଭିନ୍ନ ପ୍ରକଳ୍ପ ଏବଂ ତଥ୍ୟ ବିଶ୍ଲେଷଣ କରି ପରିବେଶ ପରିଚାଳନା ସଂପର୍କୀୟ ନିଷ୍ପତ୍ତିକୁ ସୁବିଧା ଜନକ କରିବାରେ ସହାୟକ ହେବ ବୋଲି ସୂଚନା ଦିଆଯାଇଛି।

## ରାଜଧାନୀରେ ସନ୍ଦିଗ୍ଧଙ୍କ ଘରୁ ୭ ସିମବକ୍ସ ଠାବ

ଭୁବନେଶ୍ୱର, ୧୬।୮ (ମହାଭାରତ) : ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ସନ୍ଦିଗ୍ଧ ଘରୁ ଠାବ ହୋଇଛି ୭ଟି ସିମ୍‌ବକ୍ସ। ସ୍ପେଶାଲ ସ୍କ୍ୱାଡ୍ ଓ ଲକ୍ଷ୍ମୀସାଗର ପୋଲିସର ମିଳିତ ଚଢାଉ ବେଳେ ସିମ୍ ବକ୍ସ ସହ ଜଣକୁ ଅଟକ ରଖିଛି ପୋଲିସ । ତେବେ ବିଭିନ୍ନ ଫ୍ରଡ୍ କଲ୍ କରିବାକୁ ଏହି ସିମ୍‌ବକ୍ସ ସବୁ ବ୍ୟବହୃତ ହେଉଥିବା ନେଇ ସୂଚନା ମିଳିଛି। ଲକ୍ଷ୍ମୀସାଗର ଥାନା ମହାଦେବ ନଗରରେ ଗତ ୭ରୁ ୮ ମାସ ହେଲା ଜାଣେ ବ୍ୟକ୍ତି ଘର ଭଡ଼ା ନେଇ ରହୁଥିଲେ। ଏକ୍ତ ବ୍ୟକ୍ତି ଜଣଙ୍କ ସପ୍ତାହକୁ ଥରେ ମାତ୍ର ଘରକୁ ଆସି କିଛି ସମୟ ପରେ ପୁଣି ପଳାଉଥିଲେ। ତାଙ୍କ ଚାଲି ଚଳଣକୁ ସନ୍ଦେହ କରି କିଛି ସ୍ଥାନୀୟ ଲୋକେ କମିଶନରେଟ୍ ପୋଲିସରେ ସୂଚନା ଦେଇଥିଲା। ତା'ପରେ ଲକ୍ଷ୍ମୀସାଗର ଥାନା ପୁଲିସ୍ ଓ ସ୍ପେଶାଲ ସ୍କ୍ୱାର୍ଡକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉକ୍ତ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଥିଲା।

## ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର, ୧୬।୮ (ମହାଭାରତ): କଲିକତାର ଆରଜିକର ମେଡିକାଲ କଲେଜ ଆଣ୍ଡ ହସପିଟାଲ ର ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ପ୍ରସଙ୍ଗରେ ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା। ସତ୍ୟନଗର କାଳି ମନ୍ଦିର ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ରାମ ମନ୍ଦିର ଠାରେ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହି ପ୍ରସଙ୍ଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଛନ୍ତି ଯେ ପଶ୍ଚିମବଙ୍ଗ ପ୍ରଶାସନ ମୃତ ମହିଳା ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦିଅନ୍ତୁ। ପଶ୍ଚିମବଙ୍ଗରେ ମହିଳା ଅସୁରକ୍ଷିତ ରହିଥିବାର ଏହା ଜ୍ୱଳନ୍ତ ଉଦାହରଣ। ଛାତ୍ର କଂଗ୍ରେସ ପକ୍ଷରୁ ମୃତକଙ୍କ ପରିବାରକୁ ନ୍ୟାୟ ଏବଂ ଅପରାଧିକୁ ତୁରନ୍ତ ଦଣ୍ଡବିଧାନ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ୟାସିର ନୱାଜ, ରଣଜିତ ପାତ୍ର, ସନ୍ତୋଷ ଜେନା, କିରଣ ସାହୁ, ସୁଦୀପ ସାମଲ, ନିହାର ବେହେରା, ମହମ୍ମଦ ପରଭେଜ, ବିଶ୍ୱଭୂଷ୍ଣ ମହାପାତ୍ର, ସାହାରୁଖ ଖାନ, ଅଖିଳେଶ ଯାଦବ, ଲିପିକା ପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ସମିଉଲ ହକ, କାର୍ତିକେଶ୍ୱର କାଣ୍ଡି, ନିଆଜୁଲ ଇସଲାମ, ମହମ୍ମଦ ସାମୁଇଲ ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।




## ୧୯ ଓ ୨୬ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର, ୧୬।୮ (ମହାଭାରତ) : ଆସନ୍ତା ଦୁଇଟି ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ। ସେହି ଅନୁସାରେ ଅଗଷ୍ଟ ୧୯ ଏବଂ ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆଗାମୀ ଅଗଷ୍ଟ ୧୯ ତାରିଖ (ସୋମବାର) ଏବଂ ଅଗଷ୍ଟ ୨୬ (ସୋମବାର)ରେ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ। ଏହି ଦୁଇ ଦିନ ସରକାରୀ ଛୁଟି ଥିବାରୁ ଏହି ଦିନଗୁଡ଼ିକରେ ଅଭିଯୋଗ ଶୁଣାଣି ବନ୍ଦ ରହିବ।

# ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର, ୧୬।୮ (ମହାଭାରତ) : ମହାନ୍ ରାଷ୍ଟ୍ରପୁରୁଷ, ଦୂରଦ୍ରଷ୍ଟା, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଜି ୬ଷ୍ଠ ତମ ବାର୍ଷିକ ପୂଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସମେତ ସାରା ଓଡିଶାବାସୀ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱରରେ ଏମସ୍ ହସ୍ପିଟାଲ ପରିସରସ୍ଥିତ ବାଜପେୟୀଜିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଭାରତର ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଜୀ



କେବଳ ଜଣେ ରାଜନୀତିଜ୍ଞ ନଥିଲେ ସେ ଜଣେ ଯୁଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତ କରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ଘେନି ଯିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଟଳଜୀ ଭାରତବର୍ଷର ଐତିହାସିକ ପରିବର୍ତ୍ତନ କରିଥିଲେ। ଅଟଳଜୀଙ୍କ ପାଇଁ ଓଡ଼ିଶା ପରେ ବର୍ତ୍ତମାନ ଦେଶର ଏକାଧିକ ରାଜ୍ୟରେ ଏମ୍ସ ହସ୍ପିଟାଲ ନିର୍ମାଣ ହେଉଥିବାରୁ ସାଧାରଣ ଲୋକେ ଚିକିତ୍ସାର ସୁବିଧା ପାଉଛନ୍ତି। ରାଜନୀତିର ରଣବୀର, ଶବ୍ଦର ଶିଳ୍ପୀ ଭାରତରତ୍ନ ଅଟଳଜୀ 'ସଡକ କ୍ରାନ୍ତିର ଜନକ' ଭାବେ ପରିଚିତ। ଅଟଳଜୀଙ୍କ ଶାସନ କାଳରେ ଦେଶରେ ଗମନାଗମନ କ୍ଷେତ୍ରରେ ହୋଇଥିଲା ଯୁଗାନ୍ତକାରୀ ପରିବର୍ତନ। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଭାରତକୁ ନୂଆ ଦିଶା ଦେଇଛନ୍ତି ଅଟଳଜୀ । ଓଡିଶାକୁ ଜାତୀୟ ରାଜପଥରେ ୧୫୦୦ କିଲୋମିଟରରୁ ୩୪୦୦ କିଲୋମିଟର ରେ ପହଁଚାଇଥିଲେ। ୧୯୯୯ ମହାବାତ୍ୟା ପରେ ଓଡିଶାବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଜୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ। ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣ ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଂଚାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଦିଲ୍ଲୀ ପରେ ଅନ୍ୟତମ ଭୁବନେଶ୍ୱର ସ୍ଥିତ ଏମ୍ସ୍ ମେଡିକାଲ କଲେଜ ଆଜି ସମସ୍ତଙ୍କ ବିଶ୍ୱସଯୋଗ୍ୟ ହୋଇପାରିଛି।

## ଆଇଏନ୍‌ଏସ୍ ଚିଲିକାର ନୂଆ କମାଣ୍ଡିଂ ଅଫିସରଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୧୬।୮ (ମହାଭାରତ) : ଭାରତୀୟ ନୌସେନାର ଆଇଏନ୍‌ଏସ୍ ଚିଲିକାରେ ୨୩ତମ କମାଣ୍ଡିଂ ଅଧିକାରୀ ଓ ଷ୍ଟେସନ୍ କମାଣ୍ଡର୍ ଭାବେ କୋମୋଡର୍ ବି ଦୀପକ ଅନୀଲ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ୭୮ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସେ ବିଦାୟୀ କୋମୋଡର ଏନ.ପି ପ୍ରଦୀପଙ୍କ ଠାରୁ ଏକ ଆନୁଷ୍ଠାନିକ ପରେଡ୍ ସମାରୋହରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ ପ୍ରଶିକ୍ଷଣ ନେଉଥିବା ଏବଂ କର୍ତ୍ତବ୍ୟରତ ନୌସେନା ଅଧିକାରୀମାନେ ତାଙ୍କୁ ଆନୁଷ୍ଠାନିକ ପରେଡ଼ ମାଧ୍ୟମରେ ସ୍ୱାଗତ ଜଣାଇଥିଲେ। ଆଇଏନଏସ୍ ଚିଲିକାର ନୂଆ। ଷ୍ଟେସନ କମାଣ୍ଡର ଓଡ଼ିଶାରେ ଭାରତୀୟ ନୌସେନାର ଭାରପ୍ରାପ୍ତ ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିବେ।

# ନାଲକୋ ପକ୍ଷରୁ ଅବସର ପ୍ରାପ୍ତ କର୍ମଚାରୀଙ୍କ ପାଇଁ ସମ୍ପର୍କ ସେତୁ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୦୮ (ମହାଭାରତ) : ପବିତ୍ର ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ ନାଲ୍‌କୋ ଭବନ ଠାରେ ଦୀର୍ଘ ଦିନର ପ୍ରତିକ୍ଷିତ ଅବସର ପ୍ରାପ୍ତ କର୍ମଚାରୀଙ୍କ ସେବା ପାଇଁ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର ଶତାଧିକ ଅବସର ପ୍ରାପ୍ତ କର୍ମଚାରୀଙ୍କ ଗହଣରେ ସଂପର୍କ ସେତୁ ନାମରେ ଏକ କକ୍ଷ ଉଦ୍‌ଘାଟିତ କରିଥିଲେ। ପରବର୍ତି ସମୟରେ ପ୍ରେକ୍ଷାଳୟରେ ଅବସର ପ୍ରାପ୍ତ କର୍ମଚାରୀମାନଙ୍କୁ ଶ୍ରୀଯୁକ୍ତ ପାତ୍ର ଏବଂ ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ସମ୍ବୋଧିତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟ ନିର୍ବାହି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଶୁତୋଷ ରଥ ସଂପର୍କ ସେତୁ ସଂପର୍କରେ ଆଲୋଚନା କରିବା ମାଧ୍ୟମରେ ଏହାଦ୍ୱାରା ନାଲ୍‌କୋର କୌଣସି ଅବସରପ୍ରାପ୍ତ କର୍ମଚାରୀ ସିକ୍ୟୁରିଟ୍ ଗେଟ୍‌ରେ ହିନସ୍ତା ନ ହୋଇ ସଂପର୍କ ସେତୁର ଦାୟିତ୍ୱ ସଂପର୍କ ଅଧିକାରୀଙ୍କ ଦ୍ୱାରା ସେ ଆସି ଉକ୍ତ ନିର୍ଦ୍ଧାରିତ କକ୍ଷରେ ତାଙ୍କର ଆବଶ୍ୟକୀୟ କାର୍ଯ୍ୟ ସଂପର୍କରେ ଅବଗତ କରାଇବେ ଏବଂ ଅଧିକାରୀଙ୍କ ସହଯୋଗରେ ଉକ୍ତ କାର୍ଯ୍ୟ ସଂପନ୍ନ



କରାଯିବ। ଉକ୍ତ ସଂପର୍କ ସେତୁ କାର୍ଯ୍ୟକାରି ହେବା ପାଇଁ ନାଲକୋ ଏମ୍ପ୍ଲୋଇଜ୍ ଫୋରମ୍‌ର ସଭାପତି ଶ୍ରୀ ମଦନ ମୋହନ ଧଳ ଓ ସାଧାରଣ ସମ୍ପାଦକ-ପ୍ରଦୀପ୍ତ କୁମାର ଦାସ ସମସ୍ତ ସହଯୋଗ କରିଥିଲେ ବୋଲି ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଅବସର ପ୍ରାପ୍ତ କର୍ମଚାରୀମାନେ ଆସ୍ୱସ୍ତି ପ୍ରକଟ କରିବେ ବୋଲି ଆଶା ପୋଷଣ କରିଥିଲେ। ଅବସର ପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଯୁଗ୍ମ ସାଧାରଣ ସମ୍ପାଦକ ତଥା ନାଲ୍‌କୋ ଇମ୍ପ୍ଲୋଇଜ ଫୋରମ୍ ସଭାପତି ମଦନ ମୋହନ ଧଳ, ସର୍ବପ୍ରଥମେ ଅଧ୍ୟକ୍ଷ ଶ୍ରୀଧର ପାତ୍ରଙ୍କ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ବ୍ୟବସ୍ଥା ସ୍ୱରୂପ ସଂପର୍କ ସେତୁ କକ୍ଷ ପ୍ରଦାନ କରିବା ଦ୍ୱାରା ନିଶ୍ଚିତ ଭାବରେ ପ୍ରାପ୍ତ ବୟସ୍କ କର୍ମଚାରୀ ବିଶେଷ କରି ନାଲ୍‌କୋ ଗଢ଼ିବାର କାରିଗର ମାନେ ନିଜକୁ ଧନ୍ୟମନେ କରିବେ। ଅବସର ପ୍ରାପ୍ତ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସଂପର୍କରେ ଖୁବ୍ ଶୀଘ୍ର ଆଗାମୀ ନାଲ୍‌କୋ ବୋର୍ଡ଼ ମିଟିଙ୍ଗରେ ପ୍ରସ୍ତାବିତ କ୍ୟାସଲେସ୍ ଚିକିତ୍ସା ସୁଯୋଗ ଏବଂ ବିପଦ ସଂପନ୍ନ କେତେଗୁଡ଼ିଏ ରୋଗକୁ ସଂପୂର୍ଣ୍ଣ ମାଗଣା ସେବା ଯୋଗାଇବା ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରିବା ପାଇଁ ଶ୍ରୀ ଧଳ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟ ହିଁ ସଂପଦ। ବିଶେଷ କରି ପ୍ରାପ୍ତ ବୟସ୍କଙ୍କ ପାଇଁ ଏହା ଏକ ରତ୍ନ ସଦୃଶ। ତେଣୁ ସେମାନଙ୍କୁ ଇଜ୍ଜତର ସହିତ ବଂଚିବାର ଅଧିକାର ପ୍ରଦାନ କଲେ ନାଲ୍‌କୋ ଆଗାମୀ ଦିନରେ ଆହୁରି ଆଗକୁ ବଢ଼ିବ ବୋଲି ଶ୍ରୀ ଧଳ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କଲେ।

ଅନ୍ୟମାନଙ୍କ ମଧ୍ୟରେ ଅବସର କର୍ମଚାରୀ ବିରେନ୍ଦ୍ର କୁମାର ଦାସ ମଧ୍ୟ ନାଲ୍‌କୋର ବିପଦ ସମୟରେ କର୍ମଚାରୀମାନଙ୍କ ସହଯୋଗ ବିଶେଷ କରି ଘରୋଇକରଣ ସମୟରେ କର୍ମଚାରିମାନେ ସାରା ଓଡ଼ିଶାରେ ନାଲ୍‌କୋ ଓଡ଼ିଶାର ଦ୍ୱିତୀୟ କୋଣାର୍କ ବୋଲି ପ୍ରଚାରିତ ହୋଇଥିଲା ବୋଲି ପ୍ରକାଶ କରିଥିଲେ। ଅନୁଗୁଳର ମାଙ୍ଗିଲାଲ ସାମଲ ଓ ଶତୃଘ୍ନ ତରାଇ ମଧ୍ୟ ଖୁବ୍ ଶୀଘ୍ର ପି.ଆର.ଏମ୍‌ବିଏସ୍‌ର ନବିକରଣ କରିବା ପାଇଁ ଅନୁରୋଧ କରିଥିଲେ।

## ସ୍ୱାଧୀନତାର ସାତଦଶନ୍ଧି ପରେ

ଭାରତ ଆଜି ୭୮ତମ ସ୍ୱାଧୀନତା ଦିବସ ପାଳନ କରୁଛି। ଆଜିକୁ ୭୭ ବର୍ଷ ତଳେ ଭାରତ ବ୍ରିଟିଶ ଉପନିବେଶବାଦରୁ ମୁକ୍ତ ହୋଇ ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଜନ୍ମ ନେଇଥିଲା। ସ୍ୱାଧୀନତାର ୩ ବର୍ଷ ପରେ ଦେଶର ନୂଆ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଏହାର ଦୁଇ ବର୍ଷ ପରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ହୋଇଥିଲା। ସଂସଦୀୟ ଗଣତନ୍ତ୍ରର ଏହା ଥିଲା ଶିଳାନ୍ୟାସ ପର୍ବ। ଭାରତ ଇତିହାସରେ ଏହା ଥିଲା ଏକ ନୂତନ ଯୁଗର ଅୟମାରମ୍ଭ। ଶହ ଶହ ବର୍ଷରୁ ପରାଧିନତାରୁ ମୁକ୍ତ ହୋଇ ଭାରତବାସୀ ସେହିଦିନ ଶାନ୍ତିରେ ନିଶ୍ୱାସ ମାରିଲେ, ସ୍ୱାଭିମାନ ଏବଂ ଆତ୍ମ ସମ୍ମାନର ସହ ବଂଚିବା ଶିଖିଲେ। ଲକ୍ଷ ଲକ୍ଷ ବ୍ୟକ୍ତିଙ୍କୁ ତ୍ୟାଗ ଓ ବଳିଦାନ ଯୋଗୁ ଏହା ସମ୍ଭବ ହେଲା। ଆଜି ପବିତ୍ର ସ୍ୱାଧୀନତା ଦିବସରେ ସେମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି। ଏବେ ସମୟ ଆସିଛି ସ୍ୱାଧୀନତାର ୭୭ ବର୍ଷ ପରେ ଆମେ ଏହାର ଉପଯୋଗରେ କେତେଦୂର ସଫଳ ହୋଇଛୁ, ଦେଶର ବିକାଶ ଯାତ୍ରା କେତେ ବାଟ ଆଗେଇଛି, ବିଶ୍ୱ ଦରବାରରେ ଭାରତ ନିଜ ଶକ୍ତି ଓ ସାମର୍ଥ୍ୟକୁ କେତେ ପ୍ରମାଣିତ କରିପାରିଛି। ବ୍ରିଟିଶ ଉପନିବେଶବାଦରୁ ଆମେ ମୁକ୍ତ ହୋଇ ରାଜନୈତିକ ସ୍ୱାଧୀନତା ହାସଲ କରିଛୁ ଏହା କମ କଥା ନୁହେଁ। ପ୍ରତି ୫ ବର୍ଷରେ ଥରେ ଆମେ ନିର୍ବାଚନ ମାଧ୍ୟମରେ ନିଜ ଇଚ୍ଛାରେ ସରକାର ଗଠନ କରୁଛୁ। ଦୁର୍ନୀତି ଏବଂ ସ୍ୱେଚ୍ଛାଚାରୀ ସରକାରକୁ ଆମେ କ୍ଷମତାଚ୍ୟୁତ କରିପାରିଛୁ। ଏକଛତ୍ରବାଦୀ ନେତା ବା ନେତ୍ରୀଙ୍କୁ ଅଳିଆ ଗଦାକୁ ଫିଙ୍ଗିବାରେ ସଫଳ ହୋଇଛୁ। ୧୯୭୭ରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସର ପରାଜୟ ଏହାର ଉଦାହରଣ। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ମୁକ୍ତ ଏବଂ ଅବାଧ ନିର୍ବାଚନ ହୋଇପାରୁଛି ଏହା ବଡ଼ କଥା। ଏଥିପାଇଁ ଭାରତ ଆଜି ବିଶ୍ୱର ବୃହ□ମ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ପାଇ ପାରିଛି। କିନ୍ତୁ କେବଳ ରାଜନୈତିକ ସ୍ୱାଧୀନତା ଯଥେଷ୍ଟ ନୁହେଁ, ଅର୍ଥନୈତିକ ଏବଂ ସାମାଜିକ ସ୍ୱାଧୀନତା ମଧ୍ୟ ନିହାତି ଜରୁରୀ। ଏଥିରେ ଯେ ଆମେ ଆଦୌ ସଫଳତା ହାସଲ କରିନୁ ତାହା ନୁହେଁ। ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଏହା ଆମ ପାଇଁ ଏକ ଗୌରବର ବିଷୟ। ଆତ୍ମନିର୍ଭର ଭାରତ ଗଠନ ନିମନ୍ତେ ମହାତ୍ମା ଗାନ୍ଧି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି କେତେକାଂଶରେ ସାକାର ହୋଇଛି। କେନ୍ଦ୍ରରେ ଦୃଢ଼ ନେତୃତ୍ୱ ଯୋଗୁ ଭାରତ ପ୍ରତିକୂଳ ପରିସ୍ଥିତିର ସଫଳ ମୁକାବିଲା କରିପାରିଛି। କରୋନାକୁ ପରାଜିତ କରିବାରେ ଭାରତର ସଫଳତା ବିଶ୍ୱରେ ଅନନ୍ୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ମଧ୍ୟରେ ରହିପାରେ। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହ□ମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଆଶା କରାଯାଉଛି ଭାରତ ଆଗାମୀ ୩୦ ବର୍ଷ ଭିତରେ ବିଶ୍ୱର ଦ୍ୱିତୀୟ ବୃହ□ମ ଅର୍ଥନୀତିରେ ପରିଣତ ହେବ। ବିଗତ ଦୁଇ ବର୍ଷ ଭିତରେ କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି। କରୋନା ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି। ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ। କରୋନା କଟକଣା ହଟିବା ପରେ ଦେଶର ଆର୍ଥିକ ସ୍ଥିତି ସ୍ୱାଭାବିକ ହେଉଛି। ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟ ବିକଶିତ ଦେଶମାନେ ଯାହା କରିପାରିନାହାଁନ୍ତି ତାହା ଆଜି ଭାରତ କରିପାରିଛି। ଶିଳ୍ପ ଓ କୃଷି ବିକାଶରେ ଆମେ ଅନେକ ଦୂର ଆଗେଇଛୁ। କିନ୍ତୁ ଭାରତର ଜନ ସଂଖ୍ୟା ଏତେ ଅଧିକ ହୋଇଯାଇଛି ଯେ, ଯେତେ ଅଧିକ ଉତ୍ପାଦନ କଲେ ମଧ୍ୟ ଆମେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିନାହୁଁ। ଅନେକ ଖାଦ୍ୟ ସାମଗ୍ରୀ ଆମକୁ ବିଦେଶରୁ ଆମଦାନୀ କରିବାକୁ ପଡୁଛି। ଖାଇବା ତେଲଠାରୁ ଆରମ୍ଭ କରି ଗହମ , ସାର ପର୍ଯ୍ୟନ୍ତ ଆମକୁ ଆମଦାନୀ କରିବାକୁ ପଡୁଛି। ତେଣୁ ଆମେ ସମ୍ପୂର୍ଣ୍ଣ ଭାବେ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିନୁ। ଗତ ୯ ବର୍ଷ ଭିତରେ ପ୍ରତିରକ୍ଷା କ୍ଷେତ୍ରରେ ଆମେ ସଶକ୍ତ ହୋଇପାରିଛୁ। ସ୍ୱଦେଶୀ ଜ୍ଞାନ କୌଶଳରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ସହିତ ବିଦେଶରୁ ଆମଦାନୀ ହ୍ରାସ କରିପାରିଛୁ, ବରଂ ବିଦେଶକୁ ରପ୍ତାନୀ କରୁଛୁ।

# ୭୮ତମ ସ୍ୱାଧୀନତା ଦିବସ ଓ ଆମ ଜାତୀୟ ଗୌରବର ତିନି ପ୍ରତୀକ

### ରୋହିତ ଶତପଥି

ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରିତୀ ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ୱଳିତ କରିଥାଏ।

ଜାତୀୟ ପତାକାର ଇତିହାସ : ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ଅଗଷ୍ଟ ୭ ତାରିଖରେ କୋଲକାତାର ପାର୍ସି ବାଗାନ ଛକ (ଗ୍ରୀନ୍ ପାର୍କ)ରେ ଉତ୍ତୋଳନ କରାଯାଇଥିଲା । ଏହି ପତାକାରେ ଥିଲା ନାଲି, ହଳଦିଆ ଓ ସବୁଜ ରଙ୍ଗର ଭୂସମାନ୍ତର ପଟି । ଦ୍ୱିତୀୟ ପତାକାଟି ପ୍ରଥମ ପତାକା ଭଳି ହୋଇଥିଲେ ହେଁ ଉପର ପଟି ଉପରେ ସପ୍ତର୍ଷି ଭଳି ସାତଟି ତାରା ଚିହ୍ନ ରହିଥିଲା । ଏହାକୁ ପ୍ରଥମ ଥର ପ୍ୟାରିସ୍‌ରେ ଉତ୍ତୋଳନ କରାଯାଇଥିଲା ଓ ବର୍ଲିନରେ ଏକ ସମାଜବାଦୀ ସମ୍ମିଳନୀରେ ପ୍ରଦର୍ଶନ କରାଯାଇଥିଲା । ଭାରତର ତୃତୀୟ ପତାକାଟି ୧୯୧୭ ମସିହାରେ ସ୍ୱରାଜ ଆନ୍ଦୋଳନ ସମୟରେ ଡକ୍ଟର ଆନି ବେସାନ୍ତ ଓ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଦ୍ୱାରା ପ୍ରଥମେ ଉତ୍ତୋଳନ କରାଯାଇଥିଲା । ଏଥିରେ ପାଞ୍ଚଟି ନାଲି ରଙ୍ଗ ଓ ଚାରିଟି ସବୁଜ ରଙ୍ଗର ପଟି ଭୂସମାନ୍ତର ଭାବେ ରହିଥିଲା । ଏହା ଉପରେ ସାତଟି ତାରକା ଚିହ୍ନ ସପ୍ତର୍ଷି ମଣ୍ଡଳ ପରି ଅଙ୍କା ଯାଇଥିଲା । ଉପରେ ବାମ କୋଣରେ ୟୁନିଅନ୍ ଜ୍ୟାକ୍ ଚିହ୍ନ ଥିବାବେଳେ ଡାହାଣ ପଟେ ଧଳାର ଅର୍ଦ୍ଧଚନ୍ଦ୍ରରେ ତାରା ଚିହ୍ନ ଥିଲା । ଏହାପରେ ୧୯୨୧ ମସିହା ବିଜ୍‌ୱାଡ଼ା (ବର୍ତ୍ତମାନର ବିଜୟୱାଡ଼ା ନାମରେ ପରିଚିତ) ଠାରେ ସର୍ବଭାରତୀୟ କଂଗ୍ରେସ କମିଟି ସମ୍ମିଳନୀରେ ଆନ୍ଧ୍ରରେ ଜଣେ ଯୁବକ ଗୋଟିଏ ଜାତୀୟ ପତାକା ତିଆରି କରି ଗାନ୍ଧିଜୀଙ୍କୁ ଦେଇଥିଲେ । ଏଥିରେ ଥିଲା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ପ୍ରତୀକ ନାଲି ତଥା ସବୁଜ ରଙ୍ଗର ପଟି । ଏହାପରେ ଭାରତରେ ବାସ କରୁଥିବା ଅନ୍ୟାନ୍ୟ ସମସ୍ତ ସମ୍ପ୍ରଦାୟର ପ୍ରତୀକ ଭାବେ ଗାନ୍ଧିଜୀ ଏହାର ମଝିରେ ଧଳା ପଟି ଓ ଜାତୀୟ ପ୍ରଗତିର ଚିତ୍ର ଆଙ୍କିବାକୁ ପ୍ରସ୍ତାବ ଦେଇଥିଲେ । ୧୯୩୧ ମସିହାରେ ଜାତୀୟ ପତାକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । ଏକ ତ୍ରିରଙ୍ଗା ପତାକାକୁ ଆମର ଜାତୀୟ ପତାକା ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ପତାକାରେ ଥିଲା କେଶର, ଧଳା ଓ ସବୁଜ ରଙ୍ଗର ପଟି ସହ ମଝିରେ ଏକ ଅରଟ ଚିତ୍ର । ପରିଶେଷରେ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଅରଟ ଚିହ୍ନ ଥିବା ଏହି ତ୍ରିରଙ୍ଗା ପତାକାକୁ ଭାରତୀୟ ସାମ୍ବିଧାନିକ ସଭା ସ୍ୱାଧୀନ ଭାତର ଜାତୀୟ ପତାକା ଭାବେ ସ୍ୱୀକୃତି ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଏହି ତ୍ରିରଙ୍ଗା ପତାକା ହେଲା ଜାତୀୟ ପତାକା । କେବଳ ମଝିରେ ଅରଟ ଚିହ୍ନ ପରିବର୍ତ୍ତେ ରହିଲା ଅଶୋକ ଚକ୍ର । ଏହି ତ୍ରିରଙ୍ଗା ପତାକା ବର୍ତ୍ତମାନ ଆମ ଦେଶର ଜାତୀୟ ପତାକା ଓ ଆମ ସ୍ୱାଧୀନତାର ପରିଚୟ ।

ତିନି ରଙ୍ଗର ମହତ୍ତ୍ୱ : ଏହି ତ୍ରିରଙ୍ଗା କେବଳ ତିନିଟି ରଙ୍ଗ ନୁହେଁ । ଏହି ତିନିଟି ରଙ୍ଗ ଆମ ଦେଶର ତିନି ଶକ୍ତି । କେଶର ରଙ୍ଗ ହେଉଛି ଆମ ଦେଶର ଶକ୍ତି ଓ ସାହାସର ପ୍ରତୀକ, ଧଳା ରଙ୍ଗ ଶାନ୍ତି ଓ ସତ୍ୟର ଚିହ୍ନ ଓ ସବୁଜ ରଙ୍ଗ ଆମ ମାଟିର ସବୁଜିମା ବୃଦ୍ଧି, ଉର୍ବରତା ଓ ସଫଳତାକୁ ସୂଚାଏ । ଅଶୋକ ଚକ୍ର ହେଉଛି ନ୍ୟାୟ ଓ ଧର୍ମର ଚକ୍ର ବା ପ୍ରତୀକ । ଦେଶ ସ୍ୱାଧୀନ ହେବାର କିଛି ବର୍ଷ ପରେ ଆମ ଭାରତୀୟ ସମ୍ବିଧାନ ପ୍ରତ୍ୟେକ କାର୍ଯ୍ୟାଳୟ, ଘର, ଶିକ୍ଷାନୁଷ୍ଠାନମାନଙ୍କରେ ପତାକା ଉତ୍ତୋଳନ କରାଯାଇପାରିବ ବୋଲି ସ୍ୱୀକୃତି ଦେଇଥିଲେ ।

ଆମ ତ୍ରିରଙ୍ଗା : ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଶୌର୍ଯ୍ୟ, ଆକାଂକ୍ଷା ଓ ମୁକ୍ତଚେତନାର ପ୍ରତୀକ ଆମ ଦେଶର ଜାତୀୟ ପତାକାଟିକୁ ତିଆରି କରିଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ ଓ ଭାରତର ସ୍ୱାଧୀନ ହେବାର କିଛି ଦିନ ପରେ ଅର୍ଥାତ୍ ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ଆମ ଭାରତୀୟ ସମ୍ବିଧାନ ଦେଇଛି ସ୍ୱୀକୃତି । କେଶର, ଧଳା ଓ ସବୁଜ – ଏହି ତିନିଟି ରଙ୍ଗର ସମୀକରଣ ଥିବା ଭୂସମାନ୍ତର ତ୍ରିରଙ୍ଗା ପତାକା ଓ ପତାକା ମଝିରେ ଥିବା ଗୋଟିଏ ଅଶୋକ ଚକ୍ର ହେଉଛି ଭାରତୀୟ ଜାତୀୟ ପତାକା ।

ଆମ ଜାତୀୟ ପତାକା ତ୍ରିରଙ୍ଗାର ଉପର ଅଂଶ ଗାଢ଼ ନାରଙ୍ଗୀ ଓ ତଳ ଗାଢ଼ ସବୁଜ ଏବଂ ମଝିରେ ଘନ ନୀଳ ଚକ୍ର ଶୋଭିତ ଧଳା ପଟି, ନାରଙ୍ଗୀ ସାମର୍ଥ୍ୟ ଓ ସାହାସ, ଧର୍ମଚକ୍ର ଓ ଧଳା ଶାନ୍ତି ଏବଂ ସତ୍ୟ, ସବୁଜ ଭୂଖଣ୍ଡର ଉର୍ବରତା, ଅଭିବୃଦ୍ଧି ଓ ପବିତ୍ରତାର ପ୍ରତୀକ। ସେହିପରି ଜାତୀୟ ସଙ୍କେତରେ ଅଶୋକ ସ୍ତମ୍ଭର ତ୍ରିଶିଙ୍ଗ ହେଉଛି ଆମ ଜାତୀୟ ସଙ୍କେତ ଯାହା ଏକ ସ୍ୱାଧୀନ ରାଷ୍ଟ୍ରର ଶାସନତନ୍ତ୍ରର ପ୍ରତୀକ। ଭାରତୀୟ ଜାତୀୟ ସଙ୍କେତରେ ରହିଛି ତିନୋଟି ସିଂହ, ଦକ୍ଷିଣରେ ଅଶ୍ୱ, ବାମରେ ବୃଷଭ ଓ ମଝିରେ ଗୋଟିଏ ଚକ୍ର। ବୃଷଭ କଠିନ ଶ୍ରମ ଓ କର୍ତ୍ତବ୍ୟନିଷ୍ଠତା ଏବଂ ଅଶ୍ୱ ଆନୁଗତ୍ୟ, କ୍ଷୀପ୍ରତା ଓ ଶୌର୍ଯ୍ୟର ସଙ୍କେତ। ତିନୋଟି ସିଂହ ଶାନ୍ତି, ନ୍ୟାୟ ଓ ସହନଶୀଳତାର ପ୍ରତୀକ। ଦେବନାଗରୀ ଲିପିରେ ଲିଖିତ ମୁଣ୍ଡକ ଉପନିଷଦ ତଥା ବେଦର ଶେଷ ପଂକ୍ତି ‘ସତ୍ୟମେବ ଜୟତେ’ ଅର୍ଥାତ୍ ସତ୍ୟର ହିଁ ବିଜୟ ହୁଏ। ଭାରତର ଜାତୀୟ ସଙ୍ଗୀତ ଜନଗଣମନ ଅଧିନାୟକଙ୍କୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଲେଖିଥିଲେ। ୧୯୧୧ଡିସେମ୍ବର ୧୧ରେ ଲିଖିତ ଏହାର ଅନ୍ତଃସ୍ୱରଟି ଭାରତର ସାଂସ୍କୃତିକ, ଐତିହ୍ୟର ମୂଳପିଣ୍ଡ ବିବିଧତା ମଧ୍ୟରେ ଏକତା ଭାବଧାରା ଉପରେ ଆଧାରିତ। ୧୯୫୦ ଜାନୁଆରୀ ୨୪ ତାରିଖ ଦିନ ସମ୍ବିଧାନ ସଭା ଜନଗଣମନ ଭାରତର ଜାତୀୟ ସଙ୍ଗୀତ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ଭାରତର ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସମଗ୍ର ଦେଶବାସୀଙ୍କୁ ମୋର ଅଭିନନ୍ଦନ।


ଟାଟାନଗର,ଝାଡ଼ଖଣ୍ଡ, E-mail : satpathyrohit@hotmail.com


# ସ୍ୱାଧୀନତାର ଉପଲବ୍ଧି : କୁଳ କୁଣ୍ଡଳିନୀ ଜାଗରଣ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସ୍ୱାଧୀନତା ପ୍ରାପ୍ତିପରେ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ବିତିଗଲା । ତଥାପି, ଜୀବନର ଅନୁଭବରେ ସନ୍ଦେହର ପ୍ରଶ୍ନ ଉଠିଲା । ‘ରାଜନୈତିକ କ୍ଷମତା ହସ୍ତାନ୍ତର’ ପରେ ଦେଶ ସିନା ସ୍ୱାଧୀନ ହୋଇଗଲା, ଦେଶବାସୀଙ୍କୁ ସତରେ ମିଳିଲା କି ସ୍ୱାଧୀନତାର ସୁଫଳ ? ସଂଖ୍ୟାଧିକ ଶ୍ରେଣୀର ଲୋକଙ୍କୁ ପ୍ରକୃତରେ ମିଳିଲା କି ମୁକ୍ତି ଅର୍ଥନୈତିକ ଅଧୀନତାରୁ । ମଣିଷ ହେଉ, ସମାଜ ହେଉ ତାହାର କୃତ ଓ ପ୍ରଦର୍ଶିତ କାର୍ଯ୍ୟ ଦ୍ୱାରା ତାହାର ସ୍ଥିତି, ଗତି ବିଚାର୍ଯ୍ୟ । ସେଭଳି ସ୍ୱାଧୀନତାର ସଫଳତା ବିଫଳତା ତାହାର ଗତାନୁଗତିକତା ତଥା ଗତିଶୀଳତା ମଧ୍ୟ ବିଚାର୍ଯ୍ୟ। ମନେହୁଏ, ତାହା ମଧ୍ୟ ଅନୁଧ୍ୟାନ, ବିଶ୍ଳେଷଣର ବେଶ୍ ଉପଯୋଗୀ ଉପାଦାନ ତଥା ଆବଶ୍ୟକ ଅନୁଚିନ୍ତା ପୁନଃ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ । ନିଷ୍ପକ୍ଷ ତଥା ନିରପେକ୍ଷତା ସହ ରାଜନୈତିକ, ଅର୍ଥନୈତିକ, ସାମାଜିକ, ତଥା ସାଂସ୍କୃତିକ କ୍ଷେତ୍ରର ଗତିଶୀଳତା ଲକ୍ଷ୍ୟ କଲେ ଯେଉଁ ପ୍ରତିଫଳନ ଦୃଷ୍ଟିଗୋଚର ହୁଏ ତହିଁରୁ ସ୍ପଷ୍ଟ ହୃଦ୍‌ବୋଧ ହୁଏ ଯେ ସ୍ୱାଧୀନତାର ‘ରାମରାଜ୍ୟ’ ସ୍ୱପ୍ନ ତଥା ଗଣତାନ୍ତ୍ରିକ ଶାସନର ସୁଖଦ କଳ୍ପନା କୁହେଳିକା ମାତ୍ର । ‘ଗଣ’ ଦ୍ୱାରା ଗଠିତ ହେଲେ ମଧ୍ୟ ପ୍ରଚଳିତ ‘ତନ୍ତ୍ର’କୁ ‘ଦ୍ୱନ୍ଦ୍ୱ ତନ୍ତ୍ର’ କହିବା ହିଁ ସମୀଚୀନ ହେବ । ଉଭୟ ‘ଗଣ’ ଏବଂ ‘ତନ୍ତ୍ର’ ଦୂରେଇ ଯାଇଛନ୍ତି ଭାରତୀୟ ସଂସ୍କୃତି ‘ଉଚ୍ଚ ଚିନ୍ତା, ତ୍ୟାଗ, ପରୋପକାର, ସହନଶୀଳତାର ବହୁତ ଦୂରକୁ । ଅଧିକାଂଶ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ‘ତନ୍ତ୍ର’ ଦକ୍ଷ ହୋଇନି ଏ ଯାଏଁ।

ସାମାଜିକ କ୍ଷେତ୍ରରେ ଆଜି ଭାରତର ଅଗଣିତ ଜନସାଧାରଣ ସ୍ୱାଧୀନତାରୁ ବଞ୍ଚିତ । ନୈତିକତାର ମୂଳ କଥା ହେଲା ଯେ ନିଜେ ଭଲମନ୍ଦ ବାରି ପାରିବାର ବିବେଚନା ଶକ୍ତି ଓ ଯେଉଁଟା ଭଲ ମନେ ହେବ ତାହାକୁ ବାଛି ନେବାର ସ୍ୱାଧୀନତା । ଉନବିଂଶ ଶତାବ୍ଦୀରେ ଭାରତରେ ନବ ଜାଗରଣର ଯୁଗ ଆସିଲା, ରାଜା ରାମମୋହନ ରାୟଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ଯାଏ ବହୁ ମନୀଷୀ ଭାରତୀୟ ସମାଜର ଜଡ଼ତା ଉପରେ ପ୍ରଚଣ୍ଡ ପ୍ରହାର କରିଥିଲେ ଓ ଭୀତତ୍ରସ୍ତ ଜନତା ଭିତରେ ବହୁ ପରିମାଣରେ ନିର୍ଭୟତା ଆଣି ଦେଇଥିଲା । ମାତ୍ର ଏ ପ୍ରକ୍ରିୟା ପୂରା ହୋଇନଥିଲା । ସ୍ୱାଧୀନତା ପରେ ଆହୁରି ଦ୍ରୁତ ଗତିରେ ଚାଲିବାର କଥା ଥିଲା ।

ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କଲେ – ଡେମୋକ୍ରେସିର ଅର୍ଥ ହେଉଛି ଗଣତନ୍ତ୍ର ଅର୍ଥାତ୍ ଜନଗଣର ଶାସନତନ୍ତ୍ର। କିନ୍ତୁ ମୋର ଗୋଟିଏ କଥା ସ୍ୱତଃ ମନରେ ଆସେ ଯେ ନିଜେ ଶାସିତ ନୁହେଁ ସେ କି କେବେ ଦେଶ, ସମାଜ ବା ରାଷ୍ଟ୍ରକୁ ଶାସନ କରିବାର ଅଧିକାର ବା ଯୋଗ୍ୟତା ଲାଭ କରିପାରେ ? ଶାସନତନ୍ତ୍ର ପ୍ରଣୟନ ବା ପରିଚାଳନାର ଦାୟିତ୍ୱଶୀଳ ପ୍ରତିନିଧି ଯେଉଁମାନେ ହେବେ ସେମାନଙ୍କର ଅନ୍ତତଃ ଉଚିତ କୌଣସି ଜଣେ ସୁନିୟନ୍ତ୍ରିତ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ଶାସନାଧୀନ ରହି ନିଜକୁ ସୁସମାହିତ କରି ଉଠାଇବା। କୁଳ କୁଣ୍ଡଳିନୀର ଅର୍ଥ ବୁଝାଇବାକୁ ଯାଇ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – କୁଳ କୁଣ୍ଡଳିନୀ ମାନେ (କ୍ରମଶଃ)

ପ୍ରଧାନ ପ୍ରାଣକେନ୍ଦ୍ର ଯାହା ବିବର୍ତ୍ତିତ ହୋଇ ଉଦ୍‌ଭିନ୍ନ ହୋଇଉଠିଛି। କୁଳ ମାନେ ଧାରା। ଧାରାଟି ଯେଉଁଠାରେ କୁଣ୍ଡଳୀକୃତ ହୋଇଛି ତାକୁ କୁଳକୁଣ୍ଡଳିନୀ କୁହାଯାଏ। ଇଡ଼ା, ପିଙ୍ଗଳା ଓ ସୁଷମ୍ନା ମାନେ ଗତିଶକ୍ତି, ଜ୍ୟୋତିଶକ୍ତି ଓ ଅବ୍ୟକ୍ତ ଶବ୍ଦରେ ଅତିଶାୟନୀ ସମ୍ବେଗ ଯାହାକି ପ୍ରତ୍ୟେକ ମନୁଷ୍ୟର ମେରୁଦଣ୍ଡ ଭିତରେ ରହିଛି। ଅନୁଭୂତିର ରାଜ୍ୟରେ ନାନା ସ୍ତର ରହିଛି – ଯଥା ଚିଦ୍-ଅଣୁ, ଚିଦ୍-ଅଣୁ ସମ୍ବଳିତ ଅଣୁ, ଅଣୁ-ସମ୍ବଳିତ ପରମାଣୁ, ପରମାଣୁ ସମ୍ବଳିତ କଣା ଓ କଣା ସମ୍ବଳିତ ପିଣ୍ଡିକା। ଯେପରି ଭୂ ର୍ଭୁବଃସ୍ୱ-ସପ୍ତଲୋକ, ସେହିପରି। ଭକ୍ତଜନ ପରିବେଷ୍ଟିତ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିପ୍ରକାଶ କଲେ – କୁଳକୁଣ୍ଡଳିନୀର ଜାଗରଣ ରହସ୍ୟ। କୁଳକୁଣ୍ଡଳିନୀକୁ କୁହାଯାଏ ମୂଳାଧାର। ଏଥିରେ ରହିଛି ଟାଣ ବା ଆକର୍ଷଣ, ଯୌଗିକ ସମ୍ବେଗ ଯାହା ଯୋଗୁଁ ଶୁକ୍ର ଓ ରଜଃ ମିଳିତ ହୁଏ। ଏହି ଯୌଗିକ ସମ୍ବେଗକୁ ନେଇ ଆମ୍ଭେମାନେ ଯଦି ସୁକେନ୍ଦ୍ରିକ ହୋଇପାରୁ ତାହାହେଲେ ଅନ୍ତର୍ନିହିତ ଧାରା ସମସ୍ତ ସମ୍ଭାବନା ନେଇ ସ୍ଫୁରିତ ହୋଇଉଠେ। କୁଳକଣ୍ଡଳିନୀର ଜାଗରଣ ସମୟରେ ସାଧକକୁ ବହୁତ ଚକ୍ର ଭେଦ କରିବାକୁ ହୁଏ। ଏହି ପ୍ରସଙ୍ଗରେ ବିଂଶ ଶତାବ୍ଦୀର ପରମ ବିସ୍ମୟ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଚକ୍ର, ପଦ୍ମ, ଲୋକ, ମଣ୍ଡଳ ଇତ୍ୟାଦି ବିଭିନ୍ନ ସ୍ତର। ଯେଉଁ ସ୍ତରରେ ଆମେ ରହିବୁ ସେହି ସ୍ତରର ଅନୁଭୂତି ଲାଭ କରିବୁ। ସାଧାରଣ ମନୁଷ୍ୟ ଏହି ସଂସାରରେ ହିସାବ-ନିକାଶ ଦେଖନ୍ତି, ବୈଜ୍ଞାନିକମାନେ କାରଣ ଦେଖନ୍ତି, ଦାର୍ଶନିକମାନେ ଏହି କାରଣ ପଛରେ ସାଧାରଣ ଉପାଦାନ ଦେଖନ୍ତି। ତେଣୁ ଆମ୍ଭେମାନେ ଯେତେ ଉର୍ଦ୍ଧ୍ୱକୁ ଉଠିବୁ ସେତେ ଉର୍ଦ୍ଧ୍ୱ ସ୍ତରର ଅନୁଭୂତି, ଚଳନ ଓ ଚିନ୍ତା ଉପଲବ୍ଧି ଭିତରେ ଆସେ। ଆମ୍ଭେମାନେ ସଦାସର୍ବଦା ଅହଂ ଓ ପ୍ରବୃତ୍ତି ଦ୍ୱାରା ଅଭିଭୂତ ହୋଇରହିଥିବାରୁ ଏହି ଉର୍ଦ୍ଧ୍ୱସ୍ତରର ଅନୁଭୂତି, ଚଳନ ଓ ଚିନ୍ତା ଉପଲବ୍ଧି କରିପାରୁନାହିଁ। କିନ୍ତୁ ଇଷ୍ଟାନୁଗ ଚଳନ ଓ ଗୁରୁଗତ ପ୍ରାଣ ହେଲେ ସବୁକିଛି ସାର୍ଥକ-ବିନ୍ୟାସ ହୋଇ ମୋକ୍ଷ ପ୍ରାପ୍ତି ହୁଏ। କୁଳକୁଣ୍ଡଳିନୀ ଭେଦ କଲେ ମୂର୍ଦ୍ଧା ବିକଶିତ ହୁଏ, ଏହି ପ୍ରସଙ୍ଗରେ କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ପ୍ରଥମ ମୂର୍ଦ୍ଧା ହେଲେ ଈଶ୍ୱର ଓ ତାଙ୍କୁ ମିଳେ ସଦ୍‌ଗୁରୁଙ୍କ ଭିତରେ। ସଦ୍‌ଗୁରୁ ହେଉଛନ୍ତି ଉପାସନାର ବେଦୀ ଓ ଈଶ୍ୱିତ ତାଙ୍କ ନିକଟରେ ବନ୍ଧା। ଇଷ୍ଟପ୍ରାଣ ଚଳନରେ ପ୍ରବୃତ୍ତି ସୁକେନ୍ଦ୍ରିକ ହେଲେ ଆତ୍ମବୀକ୍ଷଣ ଓ ଆତ୍ମନିୟମନ ଆସେ ଓ ଭବବନ୍ଧନ ଅତିକ୍ରାନ୍ତ ହୁଏ। ସେତେବେଳେ ସମସ୍ତ ସତ୍ତା ଭିତରେ ଏକ ସୁଖକର ଅନୁଭୂତି ବ୍ୟାପ୍ତ ହୋଇପଡ଼େ, ଏହାକୁ ହିଁ କୁହାଯାଏ କୁଳକଣ୍ଡଳିନୀର ଜାଗରଣ। ଯଥାର୍ଥରେ ଭକ୍ତ ଗାଇଛନ୍ତି – ଜୟ ସଦ୍‌ଗୁରୁ ଈଶ୍ୱର ପ୍ରାପକ ହେ, ଭବରୋଗ ବିକାର ବିନାଶକ ହେ। ଦୃଢ଼ କଣ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ – ଯେଉଁ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର ପାରସ୍ପରିକ ସ୍ୱାର୍ଥାନ୍ୱିତ ପ୍ରୀତିମୁଖର ସେବା ମାଧ୍ୟମରେ ପ୍ରତିଟି ଅନୁରାଗଦୀପ୍ତ ବ୍ୟକ୍ତିତ୍ୱକୁ ଧାରଣ ଓ ପୋଷଣ କରେ ଏବଂ ସେମାନଙ୍କର ଉନ୍ନୟନୀ ଗତିର ଉପଯୋଗୀ ଲଓୟାଜିମାର ବ୍ୟବସ୍ଥା କରି ପ୍ରତ୍ୟେକ ଜୀବନ ଓ ବର୍ଦ୍ଧନକୁ ଉତ୍‌ଫୁଲ୍ଲ କରି ତୋଳେ, ତାହା ହିଁ ହେଲା ପାରସ୍ପରିକ ଐକ୍ୟ ସମ୍ବନ୍ଧ ପ୍ରୀତି ପରିଚର୍ଯ୍ୟାର ଆବାସଭୂମି, ପ୍ରୀତି ପ୍ରବୃଦ୍ଧ ଶାସନ ସମନ୍ୱିତ ସ୍ୱାଧୀନତା ଓ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ରର ଔଜଲ୍ୟ ସହ ଗଣତନ୍ତ୍ର ସେଠାରେ ହାସ୍ୟମୁଖର।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ଭାରତକୁ ଭଲ ପାଉଥିବା ଇଂରେଜ

### ବିପିନ ବିହାରୀ ରାଉତ

ବିଶ୍ୱ ପ୍ରସିଦ୍ଧ ଶିଶୁସାହିତ୍ୟିକ ରସ୍କିନ୍ ବଣ୍ଡଙ୍କୁ କିଏ ନଜାଣନ୍ତି । ଜନ୍ମ ପରାଧୀନ ଭାରତରେ କିନ୍ତୁ ବାପା ମାଆ ବ୍ରିଟିଶ । ବାପା ବ୍ରିଟିଶ ସେନାରେ କାମ କରୁଥିଲେ ତେବେ ରସ୍କିନ୍‌ଙ୍କୁ ମାତ୍ର ବାରବର୍ଷ ବୟସ ହୋଇଥିବାବେଳେ ଦେଶ ସ୍ୱାଧୀନତା ପାଇଲା । ସ୍ୱାଧୀନତା ପରେ ନିଜ ଦେଶକୁ ଫେରିଯାଇଥିଲେ ବି ଏକ ବହି ପ୍ରକାଶନ ବାବଦରେ ପାଇଥିବା ପଚାଶ ପାଉଣ୍ଡ ଧରି ଜଳପଥରେ ବ୍ରିଟେନ୍‌ରୁ ଫେରିଥିଲେ ମୁମ୍ବାଇ । ଆଉ ସବୁଦିନ ପାଇଁ ଏଇଠି ହିଁ ସେ ରହିଗଲେ । ଉତ୍ତରାଖଣ୍ଡର ମସୋରୀରେ ନିଜ ପୋଷ୍ୟ ପରିବାର ସହ ରହୁଥିବା ରସ୍କିନ୍ କୁହନ୍ତି ବିଶାଳକାୟ ଭାରତ ଦେଶରେ ଅନେକ ବଦଳି ଥିଲେ ବି ଜ୍ଞାନ ଓ ସୂଚନାର ପରିସୀମା ବଢ଼ିଛି । ସେ ଭାରତବର୍ଷର ମହାନ୍ ଆତିଥ୍ୟତା ସମ୍ପର୍କରେ ଉଲ୍ଲେଖ କରି କହନ୍ତି ଯେ ଯେକୌଣସି ସମୟରେ ଯେ କେହି ଆପଣଙ୍କର ଅତିଥି ହୋଇପାରନ୍ତି ଆଉ ଆପଣଙ୍କୁ ଅତିଥି କରିନେଇପାରନ୍ତି । କିନ୍ତୁ ୟୁରୋପୀୟ ଦେଶମାନଙ୍କରେ ଜୀବନ ଖୁବ୍ ଏକାକୀ ।

ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ କର୍ପୋରେସନର ସମ୍ବାଦଦାତା ଭାବରେ ଭାରତରେ ଅବସ୍ଥାପିତ ହୋଇଥିବା ସାର୍ ମାର୍କଟୁଲିଙ୍କ ଦୀର୍ଘ ଜୀବନ ବିତିଯାଇଛି ବିବିସିରେ । ଆନ୍ତର୍ଜାତିକ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ଭୋପାଳ ଗ୍ୟାସ ଟ୍ରାଜେଡି ଠାରୁ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡ, ପଞ୍ଜାବର ଅପରେସନ ବ୍ଲୁଷ୍ଟାର, ଦିଲ୍ଲୀରେ ଶିଖ୍ ବିରୋଧୀ ଦଙ୍ଗା, ବାବରୀ ମସ୍‌ଜିଦ୍ ଭଙ୍ଗା ଘଟଣାର ପ୍ରତ୍ୟକ୍ଷଦର୍ଶୀ ସମ୍ବାଦ ସେ ପରିବେଷଣ କରିଛନ୍ତି । ୧୯୯୪ରେ ବିବିସିରୁ ଅବସର ନେଇଥିଲେ ବି ସେ କିନ୍ତୁ ଭାରତର ମୋହରେ ପଡ଼ି ଏହିଠାରେ ହିଁ ଅବଶିଷ୍ଟ ଜୀବନ ବିତାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ତାଙ୍କ କହିବା କଥା ଇଂରେଜମାନଙ୍କ ଯୋଗୁଁ ଭାରତୀୟମାନେ ଇଂରାଜୀରେ ଦକ୍ଷ ହୋଇଥିଲେ ବି ଇଂରାଜୀ ପାଇଁ ନିଜ ଭାଷାକୁ ସେମାନେ ଅଣଦେଖା କଲେ । ଗତ କୋଡ଼ିଏ ବର୍ଷ ଭିତରେ ଭାରତ ଅନେକ ବଦଳି ଥିଲେ ବି ସେ ଦୃଷ୍ଟିକୋଣରେ ରୋଜଗାର ଓ ଅବସର ବି ବଢ଼ିଛି । ଭାରତରେ ସେ କେବେ ବି ଭେଦଭାବର ଶିକାର ହୋଇନାହାନ୍ତି ବରଂ ଏହି ବିଶାଳକାୟ ଭୂଖଣ୍ଡ ତାଙ୍କୁ ଅଜସ୍ର ଖ୍ୟାତି, ପ୍ରତିଷ୍ଠା ଓ ଐଶ୍ୱର୍ଗିକ ଆନନ୍ଦ ଦେଇଛି ।

୧୯୬୬ରେ ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ କାର୍ଯ୍ୟକ୍ରମ ଦେଖି ଯେଉଁ କିଶୋର ଜଣକ ଭାରତର ନିକଟତର ହୋଇ ଏହି ଦେଶକୁ ଆସିଥିଲେ ସେ ହେଉଛନ୍ତି ବେରି ଜନ୍ । ପ୍ରଥମେ ବାଙ୍ଗାଲୁରୁର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଲିଶରେ ପଢ଼ାଇବା ସହ ଅଲ୍‌ଇଣ୍ଡିଆ ରେଡ଼ିଓରେ ସମ୍ପୃକ୍ତ ରହି ପ୍ରାରମ୍ଭିକ କିଛି ବର୍ଷ ଦିଲ୍ଲୀ ଓ ପରେ ମୁମ୍ବାଇରେ ରହୁଥିବା ବେରିଜନ୍ ଭାରତ ବର୍ଷର ବିବିଦ୍ଧତା ସମ୍ପର୍କରେ କୁହନ୍ତି ସ୍ୱାଧୀନତାର ସ୍ୱାଦ ନୂଆକରି ପରଖୁଥିବା ଭାରତ ବିଶ୍ୱର ଅନ୍ୟତମ ବୃହତ୍ ଆର୍ଥିକ ଶକ୍ତି ପାଲଟିଛି । ଭାରତ ପରି ଅନେକତାରେ ଏକତା ଆଉ କେଉଁଠି ଦେଖିନାହାଁନ୍ତି ବୋଲି ସେ କହିବା ସହ ଏହି ଦେଶର ଭାଷା ଓ ସଂସ୍କୃତି ତାଙ୍କୁ ନୂଆ ଜୀବନ ଦେଇଛି ବୋଲି ସେ କୃତଜ୍ଞତାର କଣ୍ଠରେ ସ୍ୱୀକାର କରନ୍ତି ।

ବାୟୋକନ୍ ଲିମିଟେଡ଼୍‌ର ଭାଇସ୍ ଚେୟାରମ୍ୟାନ ଜନ୍’ଶ କୋଡିଏ ବର୍ଷ ପୂର୍ବେ ଭାରତ ଆସିଥିଲେ । ଏହିଠାରେ ହିଁ ସଂସାର ଓ ସାରା ଜୀବନ ରହିବାର ନିଷ୍ପତ୍ତି ସେ ନେଇଥିଲେ । ଆର୍ଥିକ ଉଦାରୀକରଣ ଯୋଗୁଁ ଏବେ ବିଦେଶୀମାନେ ଭାରତରେ ରହିବା ସହଜ ହୋଇଛି ବୋଲି ମତ ଦେବା ସହ ଭାରତୀୟ ମାନଙ୍କ ବନ୍ଧୁତ୍ୱ ଓ ପ୍ରତିକୂଳ ପରିସ୍ଥିତିରେ ସଂଘର୍ଷ କରିବାର ଉତ୍ସାହ ତାଙ୍କୁ ପ୍ରେରଣା ଯୋଗାଇଛି । ରଙ୍ଗ ବା ଜନ୍ମ ନେଇ କୌଣସି ଭେଦଭାବର ଶିକାର ହୋଇନାହାଁନ୍ତି । ଭାରତୀୟ ଆଧ୍ୟାତ୍ମିକତା, ଦର୍ଶନ ଓ ସଂସ୍କୃତିର ଗଭୀର ଅନୁରାଗୀ ଜନ୍’ଶ ବିଦେଶରେ ଏହାର ପ୍ରଚାର ଓ ପ୍ରସାର ପାଇଁ ଅନେକ ନିଷ୍ଠାପର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଗିଲୟିନ୍ ରାଇଟ୍ ହେଉଛନ୍ତି ହିନ୍ଦୀ ଓ ଉର୍ଦ୍ଦୁ ଭାଷାକୁ ଭଲ ପାଉଥିବା ଜଣେ ଇଂରେଜ । ଇଂଲଣ୍ଡ ୟୁନିଭରସିଟିରେ ପଢୁଥିବା ସମୟରେ ଏହି ଦୁଇଟି ଭାଷା ପ୍ରତି ତାଙ୍କର ଆକର୍ଷଣ ଭାରତକୁ ଟାଣି ଆଣିଥିଲା ୧୯୭୭ରେ ଭାରତ ଆସି ହିନ୍ଦୀ ଓ ଉର୍ଦ୍ଦୁ ଭାଷାର ପ୍ରମୁଖ ଉପନ୍ୟାସକୁ ଇଂରାଜୀରେ ଅନୁବାଦ କରିଥିଲେ । ସବୁଠାରୁ ବଡ଼କଥା ହେଉଛି ତାଙ୍କର ଅନୁବାଦିତ ଇଂରାଜୀ ଉପନ୍ୟାସ ଗୁଡ଼ିକ ବିଦେଶରେ ବେଷ୍ଟ ସେଲର ପୁରସ୍କାର ପାଇଥିଲା । ଯାହାଦ୍ୱାରା ଭାରତୀୟ ସୃଜନ ସଂସ୍କୃତି ବିଦେଶରେ ବହୁଳ ପ୍ରସାର ଲାଭ କରି ପାଠକୀୟ ଆଦୃତି ମଧ୍ୟ ପାଇଥିଲା । ଆଲ୍‌ବେନିଆରେ ଜନ୍ମିତା ରୋମାନ୍ କ୍ୟାଥଲିକ୍ ମଦର ଟେରେସାଙ୍କୁ ସମଗ୍ର ବିଶ୍ୱ ଜାଣେ । ଗରିବଙ୍କ ଭିତରେ ଭଗବାନଙ୍କୁ ଅନୁଭବ କରି ସେମାନଙ୍କ ସେବା ପାଇଁ ସେ ଭାରତରେ ପାଦ ଦେଇଥିଲେ । ଆଜି ସାରା ବିଶ୍ୱର ୧୬୦ରୁ ଅଧିକ ଦେଶରେ ତାଙ୍କ ଅନୁଷ୍ଠାନ କାର୍ଯ୍ୟରତ । ପ୍ରଥମ ଭାରତୀୟ ଭାବରେ ସେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ । ବ୍ରିଟେନ୍ ଜନ୍ମିତ ଲରି ବେକର ନିଜ ଦେଶର ଟେକ୍ନୋଲୋଜିର ବିକାଶକୁ ନେଇ ଗର୍ବ କରୁଥିବାବେଳେ ସଂସ୍କୃତି ବିଭବପୂର୍ଣ୍ଣ ଭାରତରେ ସେ ପାଦ ଦେଇ ଏହାର ବିକାଶ ପାଇଁ କାର୍ଯ୍ୟ କରିଥିଲେ । ନିଜ ଜୀବନର ସଞ୍ଚିତ ଅନେକ ଅର୍ଥ ଏହି ପ୍ରଯୁକ୍ତି ବିଦ୍ୟାର ସଫଳତା ପାଇଁ ସେ ଅକାତରରେ ଖର୍ଚ୍ଚ କରିଛନ୍ତି । ଗ୍ରାମୀଣ ଭାରତର ଅନେକ ଅଗମ୍ୟ ସ୍ଥାନରେ ସେ ନିଜ ହାତରୁ ପଇସା ଖର୍ଚ୍ଚ କରି ପ୍ରତିଷ୍ଠା କରିଛନ୍ତି ଟେକ୍ନୋଲୋଜି ଗ୍ରାମ । ୧୯୦୭ରେ ଜନ୍ମିତ ବେକ୍‌ର ୧୦୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲେ । ଭାରତୀୟ ରଙ୍ଗମଞ୍ଚ ଓ ବଲିଉଡ ସିନେମାର ଜଣାଶୁଣା ଅଭିନେତା ଟମ୍ ଆଲର୍ଟର ବେଶ ପରିଚିତ । ଏହି ଆମେରିକୀୟ ଜଣଙ୍କ ବର୍ତ୍ତମାନ ଉତ୍ତରାଖଣ୍ଡରେ ସ୍ଥାୟୀ ଭାବେ ରହୁଛନ୍ତି । ଭାରତୀୟ ରଙ୍ଗମଞ୍ଚ ଓ ପୁରୁଣା କଥାବସ୍ତୁର ଚଳଚ୍ଚିତ୍ରର ପ୍ରସାର ସେ ବିଦେଶରେ କରି ଏହି ଦେଶର ରଙ୍ଗମଞ୍ଚର ସଂସ୍କୃତିର ସେ ଜଣେ ଯଥାର୍ଥ ପୂଜାରୀ ଭାବେ ପ୍ରତିପାଦିତ କରିଛନ୍ତି । ଏସ୍‌ଏସ୍‌ଲି ହେଉଛନ୍ତି ଚୀନ୍ ବଂଶୋଦ୍ଭବ । ଏହି ଖେଳାଳୀ ଭାରତରେ ସ୍ଥାୟୀ ବସବାସ କରି ଦିଲ୍ଲୀ ରଣଜୀ କ୍ରିକେଟ୍ ଟିମ୍ ପକ୍ଷରୁ ବର୍ଷ ବର୍ଷ ଧରି ଖେଳି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି । ବର୍ତ୍ତମାନ ସେ ସେଣ୍ଟର ୱେର ହାଉସିଂ କର୍ପୋରେସନର ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଜଣେ ଚୀନ୍ ଜନ୍ମିତ ଭାବେ ନୁହେଁ ବରଂ ଜଣେ ଭାରତୀୟ ଭାବେ ସେ ଗର୍ବିତ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଆମେରିକୀୟ ବଂଶୋଦ୍ଭବ ଜୋସେଫ୍ ଏଲଏନ୍ ଷ୍ଟିମ୍ ଭାରତର ବିଖ୍ୟାତ ସ୍ଥପତି ଭାବେ ପରିଚିତ । ଜଣେ ଆମେରିକାନ୍ ହୋଇବି ଭାରତର ମୋହରେ ପଡ଼ି ନିଜ ଭିଟାମାଟିକୁ ପଛ କରି ସେ ପାଦ ଦେଇଥିଲେ ମୁମ୍ବାଇରେ । ଏହିଠାରେ ନିଜର ସମସ୍ତ ଜୀବନ ଅତିବାହିତ କରି ଭାରତର ଅନେକ ସ୍ଥାପତ୍ୟ କଳାର ସେ ଜଣେ କୁଶଳୀ ସ୍ଥାପତି ଭାବେ ବେଶ୍ ପ୍ରତିଷ୍ଠିତ ଓ ଆଦରଣୀୟ । ୨୦୦୫ରେ ତାଙ୍କର ଦେହାବସାନ ଘଟିଥିଲା । ବେଲଜିୟମ୍ ଜନ୍ମିତ ଅର୍ଥଶାସ୍ତ୍ରୀ ଭାବେ ଜିନ୍ ଡେଜେ୍ ନିଜ କର୍ମଭୂମି ଭାବେ ବାଛି ଥିଲେ ଭାରତକୁ । ଭାରତର ପ୍ରତିଷ୍ଠିତ ଦିଲ୍ଲୀ ସ୍କୁଲ ଅଫ୍ ଇକ୍ନୋମିକସ୍‌ରେ ଅନେକ ବର୍ଷ ଧରି ଅଧ୍ୟାପନା ଦାୟିତ୍ୱ ଭିତରେ ସେ ଭାରତର ପ୍ରତିଷ୍ଠିତ ଅର୍ଥବିତ୍ ମାନଙ୍କୁ ସେ ହିଁ ସୃଷ୍ଟି କରିଥିଲେ । ଦେଶର ଗରିବ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ମନରେଗା କାର୍ଯ୍ୟକ୍ରମର ସେ ହେଉଛନ୍ତି ଜନକ । ଓଡ଼ିଶୀ ନୃତ୍ୟର ପ୍ରେମରେ ପଡ଼ି ଯେଉଁ ଆମେରିକୀୟ କଳାଛାତ୍ରୀ ୧୯୭୩ରେ ପରିବାରର କଥା ନମାନି ଭାରତରେ ପାଦ ଦେଇଥିଲେ ସେ ହେଉଛନ୍ତି ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ସାରୋନ ଲୋଏନ୍ । ଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ନୃତ୍ୟ ଶିଖି ଭାରତରେ ରହିଯାଇ ବର୍ତ୍ତମାନ ବିଶ୍ୱର କୋଣଅନୁକୋଣରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରୁଛନ୍ତି । ଚୀନ୍ ବଂଶୋଦ୍ଭବ ଜୋସେଫ୍ କକ୍ ଜଣେ ଚାଇନା ହୋଇମଧ୍ୟ ଭାରତୀୟ ଭାବେ ନିଜକୁ ଗୌରବ ଅନୁଭବ କରନ୍ତି । ୧୯୮୨ରେ ଏସିଆନ୍ ଗେମରେ ସେ ୱାଟର ପୋଲରେ ଭାରତର ପ୍ରତିନିଧିତ୍ୱ କରି ଗୌରବ ପ୍ରାପ୍ତି ହୋଇଥିଲେ । କେବଳ ସେତିକି ନୁହେଁ ଅନେକ ସମାଜ ସେବୀ ସଂଗଠନ ପାଇଁ କାର୍ଯ୍ୟ କରିବା ସହ ଭାରତୀୟ କ୍ରୀଡ଼ା ଉପରେ ସେ ଅନେକ ଉପାଦେୟ ପୁସ୍ତକ ରଚନା କରି ଭାରତର ସୃଜନଶୀଳତାକୁ ବୃଦ୍ଧି କରିବାରେ ସମର୍ଥ ହୋଇଛନ୍ତି ।


ଯୁଗ୍ମ-କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩, E-mail : bipinrout@rediffmail.com


# ନାଟ୍ୟକାର ବିଶ୍ୱଜିତ୍ ଦାସ

### ବାଦଲ ଭୂୟାଁ

ଏକ ସମୟରେ ଓଡ଼ିଶାର ମଞ୍ଚ ନାଟ୍ୟ ଜଗତ କେବଳ ପୌରାଣିକ, ଐତିହାସିକ କିମ୍ବା କାଳ୍ପନିକ ନାଟକ ପରିବେଷଣରେ ସୀମିତ ଥିଲା। ଏହି ଧାରାରେ ବିରାଟ ପରିବର୍ତ୍ତନ ଆସିଥିଲା ଷାଠିଏ ଦଶକ ପରେ। ଏହାର ମୁଖ୍ୟ ସୂତ୍ରଧର ଥିଲେ ପ୍ରସିଦ୍ଧ ଓଡ଼ିଆ ନାଟ୍ୟକାର ବିଶ୍ୱଜିତ୍ ଦାସ। ତାଙ୍କ ଦ୍ୱାରା ଲିଖିତ ପ୍ରଥମ ଏକାଙ୍କିକା ଗୋଟେ ଦୃଶ୍ୟ, ଜନତା ରଙ୍ଗମଞ୍ଚ ପକ୍ଷରୁ ପରିବେଷିତ ହୋଇଥିଲା। ଏହାର ନିର୍ଦ୍ଦେଶକ ଥିଲେ ଅନନ୍ତ ମହାପାତ୍ର। ମଧ୍ୟବିତ୍ତ ଓଡ଼ିଆ ପରିବାରର ସଂଘର୍ଷପୂର୍ଣ୍ଣ ଜୀବନଧାରା ଉପରେ ପର୍ଯ୍ୟବେସିତ ଏହାର କାହାଣୀ, ଯେଉଁଳି ଦର୍ଶକଙ୍କ ହୃଦୟକୁ ଛୁଇଁପାରିଥିଲା, ତା’ଠାରୁ ଅଧିକ ପ୍ରଶଂସା ସାଉଁଟିଥିଲେ ଲେଖକ ବିଶ୍ୱଜିତ୍। ଏକାଡ଼େମୀ ନାଟକ ଉତ୍ସବରେ ଶ୍ରେଷ୍ଠ ବିବେଚିତ ହୋଇଥିଲା ତାଙ୍କର ପ୍ରଥମ ସଙ୍ଗୀତ ନାଟକ ବହ୍ନି। ମୃଗୟା, ସମ୍ରାଟ, ନିଜ ପ୍ରତିନିଧିଙ୍କ ଠାରୁ, ନିଶିପଦ୍ମ, ପ୍ରତାପଗଡ଼ରେ ଦିଦିନ, ନାଲିପାନ ରାଣୀ କଳାପାନ ଟିକା, ଓଁ ଶ୍ରୀ ପ୍ରଜାପତୟେ ନମଃ, ସେଇ ତିନି ଜଣ, ଶୁଣ ସୁଜନେ, ମହାମାୟା ଅପେରା ଆଦି ତାଙ୍କର ସବୁଠାରୁ ଚର୍ଚ୍ଚିତ ନାଟକ। ନାଟକ ରଚନା ଓ ନିର୍ଦ୍ଦେଶନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୨ରେ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶ୍ୱଜିତ୍ ଅନେକ ଚଳଚ୍ଚିତ୍ରର କାହାଣୀ ଲେଖକ ଓ ନିର୍ଦ୍ଦେଶକ। ତାଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ଚଳଚ୍ଚିତ୍ରଗୁଡ଼ିକ ହେଲା ପ୍ରିୟତମା, ନିଝୁମ ରାତିର ସାଥୀ ଓ ମାନ ଅଭିମାନ। ଅହଲ୍ୟା, କାବେରୀ, ନାଗଫାଶ, ଗୌରୀ ଭଳି ସଫଳ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକର କାହାଣୀ ସେ ଲେଖିଥିଲେ। ସାଂପ୍ରତିକ ସମାଜର ସମସ୍ୟା ଉପରେ ସାଧାରଣ ମଣିଷର ବ୍ୟଥା, ବେଦନା ଏବଂ ଭାବନାକୁ ସେ ନିଖୁଣ ଭାବେ ତାଙ୍କ କଲମ ମୁନରେ ଫୁଟାଇପାରିଥିଲେ। ବିଶ୍ୱଜିତ୍‌ଙ୍କ ଦ୍ୱାରା ସମ୍ବାଦରେ ପ୍ରକାଶ ନିୟମିତ ସ୍ତମ୍ଭ ଭିନ୍ନ ସ୍ୱର ପାଠକ ମହଲରେ ବେଶ ଲୋକପ୍ରିୟ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଲୋକ ସଂପର୍କ ଅଧିକାରୀ ଭାବେ ସେ ଅବସର ଗ୍ରହଣ କରିଥିଲେ। ଓଡ଼ିଶା ନାଟକର ଯଶସ୍ୱୀ ଲେଖକ ବିଶ୍ୱଜିତ୍ ଦାସ ୧୯୩୬ ଅଗଷ୍ଟ ୧୮ ତାରିଖ ଦିନ ଯାଜପୁର ଜିଲ୍ଲାର ବାଉଁଶବାଡ଼ିଠାରେ ଜନ୍ମ ହୋଇଥିଲେ।


ପ୍ରତିଷ୍ଠାତା, ସମ୍ପାଦକ ‘ସିଂହଭୂମ୍’, ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ଚିନିଶିଙ୍ଗ ନୂଆଗାଁ ବନ୍ଦ ସ୍କୁଲ ଖୋଲିବା ପାଇଁ
# ଛାତ୍ରଛାତ୍ରୀ ଓ ଗାଁ ଲୋକଙ୍କ ପଦଯାତ୍ରା ଓ ବିଶାଳ ଜନସଭା

**ଆସିକା,(ମହାଭାରତ) :** ଦୀର୍ଘ ୧୯ ଦିନର ପ୍ରତିବାଦ ପରେ ବି ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କାଳଷଣ୍ଡପୁର ପଞ୍ଚାୟତ ନୂଆଗାଁ ଚିନି ଶିଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ସମସ୍ୟାର ହେଲାନି ସମାଧାନ । ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଶ୍ରେଣୀ ବନ୍ଦ ନେଇ ସରକାର ନେଇଥିବା ନିଷ୍ପତି ହୋଇପାରିଲା ପରିବର୍ତନ ଏବଂ ବିଦ୍ୟାଳୟ ରେ ଏଯାବତ ହୋଇପାରିଲାନି ଶିକ୍ଷକ ନିଯୁକ୍ତି। ଦାବି ପୂରଣ ନେଇ ଦୀର୍ଘ ୧୯ ଦିନ ଧରି ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରଛାତ୍ରୀ ଓ ଅଭଭାବକ ଧାରଣାରେ ବସିଥିଲେ ଏବଂ ଆସିକା ବ୍ଲକ ପରିସରରେ ଜିଲ୍ଲା ପାଳ ତଥା ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣୀ ରେ ମଧ ଅଭିଯୋଗ କରି କୌଣସି ସୁଫଳ



ନମିଳିବାରୁ ଆଜି ଅଭିନ୍ନ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ନୂଆଗାଁ ସ୍ଥିତ ବିଦ୍ୟାଳୟ ରୁ ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଓପୁରାତନ ଛାତ୍ର ସମୂହ, ମିଳିତ କ୍ରିୟାନୁଷ୍ଠାନ କମିଟି ନୂଆଗାଁ ଏବଂ ବେଣିଆ ଗ୍ରାମବାସୀ ଙ୍କ ପକ୍ଷରୁ ପାଖାପାଖି ୫ କିଲୋମିଟର ରାସ୍ତା ପଦଯାତ୍ରା ଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଜଣସଭା ଆୟୋଜନ କରାଯାଇଛି । ଯେହୁଁ ଦିନ ପର୍ଯ୍ୟନ୍ତ ସରକାର ଛାତ୍ର ଛାତ୍ରୀଙ୍କ ସମସ୍ୟାର ସମାଧାନ ନକରାଯାଇଛି ଆନ୍ଦୋଳନ ଜାରିରହିବା ନେଇ କହିଛନ୍ତି ଅଭଭାବକ ଓ ମିଳିତ କ୍ରିୟାନୁଷ୍ଠାନ କମିଟି । ଏବଂ ଏକ ଦାବୀ ପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ବିଶାଳ ପଦ ଯାତ୍ରାରେ ଛାତ୍ର ଛାତ୍ରୀ , ଅଭିଭାବକ, ଗ୍ରାମବାସୀ, ଏବଂ ଦଳମତ ନିର୍ବିଶେଷରେ କଂଗ୍ରେସ ର ସଂସାଦ ପ୍ରାଥୀ ଦେବକାନ୍ତ ଶର୍ମା, ବିଜେଡି ର ନଚିକେତା ସ୍ୱାଇଁ, ଦିଲ୍ଲିପ ପାଣିଗ୍ରାହୀ, ଶିବ ନାହାକ, ଆଇନଜିବି ରାଘବ ନାହାକ, ବିଜେପି ର ଶ୍ରୀନିବାସ ଭଞ୍ଜ, ବିଜୟ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ସମୀର ବେହେରା, କାଳଷଣ୍ଡ ପୁର ସରପଞ୍ଚ ଜୟନ୍ତୀ ବେହେରା, ସମିତି ସଭ୍ୟା, ଜିଲ୍ଲା ପରିଷଦ ସଦସ୍ୟ ଡି ମନୋଜ କୁମାର ଦୋରା, କମ୍ୟୁନିଷ୍ଟ ନେତା, ବାର ସମ୍ପାଦକ ବିଦେଶୀ ନାହାକ,ସମେତ ଅନେକ ଲୋକ ଏହି ରାଲି ରେ ସାମିଲ ହୋଇଥିଲେ। ଶେଷରେ ଗ୍ରାମବାସୀ ମାନେ ଅନେକ ଯୋଗ ଦେଇଥିଲେ ।

# ପଞ୍ଚାୟତ ସମିତି ବୈଠକରେ ସାମ୍ବାଦିକଙ୍କୁ ବ୍ଲକ ଅଧକ୍ଷଙ୍କ ଦୁର୍ବ୍ୟବହାର

**ଦଶରଥପୁର,(ମହାଭାରତ) :** ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ହେବାପରେ ଗଣମାଧ୍ୟମକୁ ସମ୍ବାଦ ସଂଗ୍ରହ ପାଇଁ ସବୁଠି ସମ୍ବାଦ ସଂଗ୍ରହ କରିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି । ମାତ୍ର ସରକାରଙ୍କ ଏହି ନିଷ୍ପତିକୁ ଦଶରଥପୁର ବ୍ଲକରେ ଅଣଦେଖା କରାଯିବା ସହିତ ବ୍ଲକ ଅଧକ୍ଷ ସମ୍ବାଦିକ ମାନଙ୍କୁ ପଞ୍ଚାୟତ ସମିତି ବୈଠକ ପରିସରରେ ବାହାରକୁ ପଳାଇ ଯିବାକୁ କହି ଦୁର୍ବ୍ୟହାର କରାଯିବା ଘଟଣା ସାମ୍ବାଦିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ମୁତାବକ ଅଗଷ୍ଟ ମାସ ୧୬ ତାରିଖ ପୂର୍ବାହ୍ନ ୧୦.୩୦ ରେ ଦଶରଥପୁର ପଞ୍ଚାୟତ ସମିତି ଅଧିବେଶନ ପାଇଁ ବୈଠକ ଆୟୋଜିତ ହେବା ବେଳେ ବୈଠକର ୨ ଦିନ ପୂର୍ବରୁ ବିଡ଼ିଓ ଆକାଶ ପଟନାୟକ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଅଧିବେଶନ ବୈଠକରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ସମ୍ବାଦ ପରିବେଷଣ କରିବା ପାଇଁ ଲିଖିତ ଭାବେ ଅବଗତ କରିଥିଲେ । ତଦନୁସାରେ ଗଣମାଧ୍ୟମର ପ୍ରତିନିଧି ମାନେ ବୈଠକ ଅନୁଷ୍ଠିତ ହେଉଥିବା ସମ୍ମିଳନୀ ଗୃହରେ ବସିଥିବା ସମୟରେ ବୈଠକରେ ଅଧକ୍ଷତା କରୁଥିବା ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ ପ୍ରାରମ୍ଭରେ ନିଜ ଅଭିଭାଷଣ ଆରମ୍ଭ କରିବା ସହିତ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଯଥା ଶୀଘ୍ର ବାହାରକୁ ପଳାଇଯିବାକୁ ବାରମ୍ବାର ତାଗିତ କରିଥିଲେ । ଯାହାକୁ ନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେଉଥିଲା । ଗଣମାଧ୍ୟମ ପ୍ରତିନିଧି ମାନେ ସମ୍ମିଳନୀ ଗୃହ ସମ୍ମୁଖରେ ଧାରଣାରେ ବସି ବ୍ଲକ ଅଧକ୍ଷଙ୍କ ସାମ୍ବାଦିକଙ୍କ ପ୍ରତି ଦୁର୍ବ୍ୟବହାରକୁ ନେଇ ପ୍ରତିବାଦ କରିଥିଲେ । ଆଜିର ଏହି ତୃତୀୟ ପଞ୍ଚାୟତ ସମିତି ବୈଠକରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ବିଂଝାରପୁର



ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟକ ସୁଜାତା ସାହୁ, ବିଡ଼ିଓ ଆକାଶ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରି ଜେନା ପ୍ରମୁଖଙ୍କ ସମେତ ବ୍ଲକର ୩୫ ଗୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ପ୍ରମୁଖ ଯୋଗ ଦେଇଥିବା ବେଳେ ହୋହାଲ୍ଲା ମଧ୍ୟରେ ପଞ୍ଚାୟତ ସମିତି ବୈଠକ ଶେଷ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ ବିଂଝାରପୁର ବିଧାୟିକା ବର୍ଷି ଥିବା ଦେଖିବା ପାଇଁ ମିଳିଥିଲା ।

# ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଏକ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଶ୍ରୀ ପ୍ରାଣ କୃଷ୍ଣ ପାଣିଗ୍ରାହୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପ୍ରଦାନ କରାଯାଇ ଥିବା ସ୍ମାରକପତ୍ରରେ ଉଲ୍ଲେଖ ଅଛି ଯେ ଗତ କିଛି ଦିନ ହେଲା ବାଂଗଲା ଦେଶରେ ହିନ୍ଦୁ ଭାଇ ଭଉଣୀ ମାନଙ୍କୁ ନୃଶଂସ ହତ୍ୟା ଓ ମାଆ ଭଉଣୀ ମାନଙ୍କୁ ଗଣ ଧର୍ଷଣ ଓ ଘର ,ଦୋକାନ ପୋଡା ଇତ୍ୟାଦି ଅତ୍ୟାଚାର କରାଯାଉଛି।ଏହି ପରିପ୍ରେକ୍ଷୀରେ ଏହାର କଡା ବିରୋଧ କରିବା ସହ ଗଜପତି ଜିଲ୍ଲାରେ ଲୋହିଙ୍ଗିଆ ଅନୁପ୍ରବେଶ କାରୀ ମାନଙ୍କୁ ଜିଲ୍ଲା ରୁ ବିତାଡିତ କରିବା ସକାଶେ ଶାନ୍ତି ପୂର୍ଣ୍ଣ ଶୋଭାଯାତ୍ରା କରାଯାଇଛି ।

# କ ନୂଆଗାଁ ବ୍ଲକର ୮ମ ପଞ୍ଚାୟ ସମିତି ବୈଠକ

**କନ୍ଧମାଳ,(ମହାଭାରତ) :** ଜିଲ୍ଲା କ ନୂଆଗାଁ ବ୍ଲକର ୮ମ ପଞ୍ଚାୟ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର,ବିଡିଓ କନୂଆଗାଁ , କନୂଆଗାଁ ଏମପି ପ୍ରତିନିଧି ପଣ୍ଡିତ କୁମାର ବିଶିମାଝୀ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା,ବ୍ଲକ ଉପାଧକ୍ଷ ଧବଳେଶ୍ୱର ପାତ୍ର, ଜିଲ୍ଲାପରିଷଦ ଅନିମା ମଲିକ , ଡ୍ଲଏଇଇ ଶୁଭଙ୍କର ମହାପାତ୍ର ଯୋଗଦାନ କରିଥିଲେ । କ ନୂଆଗାଁ ବ୍ଲକର ସମସ୍ତ ବିଭାଗର ଅଫିସର,ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ମାନେ ବୈଠକରେ ସାମିଲ ହୋଇଥିଲେ । ବିଧାୟକ ଚକ୍ରମଣି କହଁର କିଛି ଦପ୍ତର ର ଅଧିକାରୀ ଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ଅସୋନ୍ତୋଷ ବ୍ୟକ୍ତ କରିଥିଲେ । ଅଧିକାରୀ ମାନେ ନିଜ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁନଥିବାରୁ ମନେରେଗା ଯୋଜନା, ସ୍ୱାସ୍ଥ୍ୟ, ଜଳସାୟା ବିଭାଗ ଉପରେ ବିଭିନ୍ନ ପ୍ରଶ୍ନର ଉତ୍ତର ମାଗିଥିଲେ ବିଧାୟକ । କିନ୍ତୁ ବିଭାଗୀୟ ଅଧିକାରୀ ମାନେ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଠିକ ଭାବରେ ନ ରଖି ତୁତୁ ମେମେ ହୋଇଥିବା ଦେଖିବାକୁ ମିଳିଥିଲା ।କିଛି ସରପଞ୍ଚ ପୋଖରୀ ଖୋଳା ଲେବର ବଦଳରେ ଜେସିବି ମେସିନ୍ ସାହାଯ୍ୟରେ କାହିଁକି ଖୋଳାଯାଉଛି ବୋଲି ପ୍ରଶ୍ନ ପଚାରିଥିଲେ ।କିଛି ସମୟ ପାଇଁ ବୈଠକରେ ହୋହଲା



ହୋଇଥିବା ଦେଖିବାକୁ ମିଳିଥିଲା ।ବିଧାୟକ କାମ ସମାପ୍ତ କରିଥିବା ଠିକାଦାର ମାନଙ୍କ ବିଲ୍ ମାସ, ମାସ ଧରି କାହିଁକି ଅଟକୁଛି କାମ ସମାପ୍ତ ପରେ ଠିକାଦାରଙ୍କୁ କାହିଁକି ବିଲ୍ ମିଳୁନାହିଁ ,ମୁଁ ଜଣେ ବିଧାୟକ ହୋଇ ଆପଣ ମାନଙ୍କୁ ବାରମ୍ବାର ଫୋନ କଲେ ମଧ ଆପଣମାନେ କାହିଁକି ମୋ ଫୋନ ଉଠାଉ ନାହାଁନ୍ତି କିମ୍ବା ଫୋନ ରିପିଟ୍ କରୁନାହାନ୍ତି । ମୋତେ ଠିକାଦାର ମାନେ ଅଭିଯୋଗ କରୁଛନ୍ତି ବୋଲି ବିଭାଗୀୟ ଯନ୍ତ୍ରୀ ଙ୍କୁ ପଚାରିଥିଲେ କିନ୍ତୁ ଯନ୍ତ୍ରୀ ବିଧାୟକଙ୍କୁ ଉତ୍ତର ନ ରଖି ପାରି ତୁତୁ ମେମେ ହୋଇଥିଲା। ଆଗାମୀ ଦିନରେ କିଭଳି କ ନୂଆଗାଁ ବ୍ଲକର ଉନ୍ନତି ହୋଇପାରିବ ସେ ଉପରେ ସମସ୍ତ ଅଧିକାରୀ ଧ୍ୟାନ ଦେବାକୁ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ବିଧାୟକ ସମିତି ବୈଠକରେ ଆଲୋଚନା କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ

**ପାରଳାଖେମୁଣ୍ଡି,(ମହାଭାରତ) :** ଆମ୍ ଆଦମୀ ପାର୍ଟି ଗଜପତି ଜିଲ୍ଲା ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ୭୮ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେବିଲାଶ ଭୁୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା କିଶୋର ଚନ୍ଦ୍ର ଗୁରୁ,ବିରଞ୍ଜନ ମାଝୀ,ବୋୟାଜ ବେବର୍ତ୍ତା,ସୁଧିର ଚନ୍ଦ୍ର ପାଣି, ଲିଙ୍ଗରାଜ ପାଣିଗ୍ରାହୀ, ଉମାକାନ୍ତ ପଟ୍ଟନାୟକ, ତ୍ରିନାଥ ପଟ୍ଟନାୟକ,ଲୋଗସ ଦାସ୍ ବର୍ଦ୍ଧନ, ଶେଖ୍ ମୁଜିବ, ଶେଖ୍ କାଦିର, ପ୍ରମୋଦ ସ୍ୱାଇଁ,ବିନୋଦ ବେହେରା, କେଦାର ନାଥ ପ୍ରଧାନ, ଦେବାଶିଷ ପାଣିଗ୍ରାହୀ, ଅନିଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ। ଉପସ୍ଥିତ ସାଥୀମାନେ ଦେଶର ଏକତା ଅଖଣ୍ଡତା ଓ ପ୍ରଗତି ପାଇଁ ଏକାଠି ହୋଇ କାମ କରିବା ନିମନ୍ତେ ଉଦବୋଧନ ଦେଇଥିଲେ। ପରିଶେଷରେ କୁନି ମେଧାବୀ ଛାତ୍ର ସାଇ ନାଥ ବେହେରା ସ୍ୱାଧୀନତା ଦିବସ ଉପଲକ୍ଷେ ବକ୍ତୃତା ଦେଇଥିଲେ ।

# ପାରାଦୀପରେ ଉତ୍ସାହ ଉଦ୍ଦୀପନା ସହ ୭୮ ତମ ସ୍ୱାଧୀନତା ଦିବସ ପାଳିତ

**ପାରାଦୀପ,(ମହାଭାରତ) :** ବନ୍ଦର ସହର ପାରାଦୀପ ରେ ୭୮ ତମ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖ ଗୁରୁବାର ଦିନ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସାମୁହିକ ପରେଡ ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ନିଜ ବକ୍ତବ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ଅଭିବୃଦ୍ଧି ଏବଂ ଏହାର ଆନୁସଙ୍ଗିକ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏତଦବ୍ୟତୀତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ସ୍କୁଲ ଛାତ୍ରଛାତ୍ରୀ, ବନ୍ଦର ର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ବନ୍ଦରାଧକ୍ଷ ପୁରସ୍କୃତ କରିବା ସହିତ ପରେଡରେ ଭାଗ ନେଇଥିବା ପ୍ରଥମ ଓ ଦ୍ୱିତୀୟ ବିଜେତା ଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଉତ୍ତମ ସେବା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ପୋଲିସ ମେଡାଲ ପାଇଥିବା ଅଗ୍ନିଶମ ବିଭାଗର ଏଏସଆଇ ଏଚ.ଏଚ.ଦାସ ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଦେଶାତ୍ମକ କବିତା ପାଠ, ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ଆନ୍ତଃ ବିଦ୍ୟାଳୟ ନୃତ୍ୟ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀ ଙ୍କୁ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ପୁରସ୍କୃତ କରିଥିଲେ । ସେହିପରି ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଥିଲା । ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ଓ ଖବରକାଗଜ ବିତରକ ସଙ୍ଘ ପକ୍ଷରୁ ଥାନା ନିକଟସ୍ଥ ପ୍ରେସ ଛକ ଠାରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ବିତରକ ସଂଘର ସଭାପତି ପ୍ରଦୀପ କୁମାର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ସାମ୍ବାଦିକ ଓ ବିତରକ ସଂଘର ସଦସ୍ୟ ମାନେ ଜାତୀୟ ସଂଗୀତ ଗାନ କରିଥିଲେ । ସେହିପରି ପାରାଦୀପ ପୋର୍ଟ ମଜଦୁର ସଙ୍ଘ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରକାଶ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଭାରତୀୟ ବନ୍ଦର ମଜଦୁର ସଙ୍ଘ କାର୍ଯ୍ୟାଳୟରେ ସଭାପତି ରାକେଶ ପଟ୍ଟନାୟକ, ପାରାଦୀପ ପୋର୍ଟ ବଣିକ ସଂଘରେ ସଭାପତି ସନ୍ତୋଷ ପଟ୍ଟନାୟକ, ଅଠରବାଙ୍କି ସ୍ଥିତ ବିଜୁ ପଟନାୟକ ପ୍ରତିମୂର୍ତ୍ତୀ ଏବଂ ପୌର ପ୍ରଶାସନିକ ଭବନ ଠାରେ ପାରାଦୀପ ବିଜେଡି ଦଳ ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଷଣ୍ଢକୁଦ ସ୍ଥିତ



ବିଜେପି କାର୍ଯ୍ୟାଳୟ ଠାରେ ସଭାପତି ସୁବ୍ରତ ପ୍ରଧାନ ଏବଂ କଂଗ୍ରେସ ନେତା ନିରଞ୍ଜନ ନାୟକ ପତାକା ଉତ୍ତୋଳନ କରିଥିଲେ । ସେହିପରି ନୂଆବଜାର ସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଉପସଭାପତି କୁମରବର ନାୟକ, ପାରାଦୀପ ମହାବିଦ୍ୟାଳୟ ପରିସରରେ କଲେଜ ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀ ଏବଂ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ, ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

# ବ୍ଲକସ୍ତରୀୟ ST, SC ମିଳିତ ମଞ୍ଚର ବୈଠକ



**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲାର ସଇଁତଲା ବ୍ଲକ ସ୍ତରୀୟ ଦଳିତ ଆଦିବାସୀ ମାନେ ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଳ ଆମ୍ବେଦକର ମଣ୍ଡପ ପରିସରରେ ସଇଁତଲା ବ୍ଲକ ର ST, SC, ମିଳିତ ମଞ୍ଚ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏହି ବୈଠକ ରେ ତାରିଖ, ୧,୮,୨୦୨୪ରିଖରେ ସୁପ୍ରିମ କୋଟ ଙ୍କ ଦ୍ୱାରା ST ଏବଂ SC ସରକ୍ଷଣ ଉପରେ ବର୍ଗୀକରଣ ଓ କ୍ରିମିଳିୟରରାୟ ବିରୁଦ୍ଧରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣେଇ ସଇଁତଲା ବ୍ଲକ sc, st, ମିଳିତ ମଞ୍ଚ ସଇଁତଲା ବ୍ଲକ ରେ ବନ୍ଦ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକ ରେ ଦଳିତ ଆଦିବାସୀ ସଭାପତି ପ୍ରେମ ଭୋଇ, ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ପ୍ରୀତିସାଗର ମହାନନ୍ଦ, ସରପଞ୍ଚ ମନୀଷ ସୁନା ସଭାପରିଚାଳନା କରିଥିଲେ । ଉକ୍ତ ମଞ୍ଚରେ ତପିଧର କୁମ୍ଭାର, ଦୁର୍ଯ୍ୟୋଧନ ମାଝୀ, ସାମନ୍ତ ଦୀପ, ରାମଦାସ ମାଝୀ, ଦେବରାଜ ଭୋଇ, ତରୁଣ ସୁନାମଂଚାସୀନ ଥିବା ବେଳେ ସତାଧିକ ଦଳିତ ଆଦିବାସୀ ଉପସ୍ଥିତ ଥିଲେ।

# ଠାକୁରମୁଣ୍ଡା ପଞ୍ଚାୟତ ସମିତିର ୭ମ ବୈଠକ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ପଞ୍ଚାୟତ ସମିତି ର ୭ମ ସମିତି ବୈଠକ ଶୁକ୍ରବାର ଦିନ ପଞ୍ଚାୟତ ସମିତିର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି ।ପଞ୍ଚାୟତ ସମିତି ର ଅଧକ୍ଷା ସରୋଜିନୀ ମୁଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, କେନ୍ଦୁଝର ସାଂସଦ ଙ୍କ ବ୍ଲକ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ,ବ୍ଲକ ଉପାଧକ୍ଷ ସନ୍ତୋଷ ମହାନ୍ତ,ବିଡ଼ିଓ ସପ୍ନେଶ୍ୱର ବେହେରା ଯୋଗ ଦେଇଥିଲେ ।ବୈଠକ ପ୍ରାରମ୍ଭ ରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଦଳେଇ ସିଂ ପୂର୍ବ ସମିତି ବୈଠକ ର ବିବରଣୀ କୁ ପାଠ କରିଥିଲେ। ପରେ ୧୯ ଗୋଟି ଆଲୋଚ୍ୟ ବିଷୟ ବସ୍ତୁ ଉପରେ ବୈଠକରେ



ଆଲୋଚନା ହୋଇଥିଲା ।ଏଥିରେ ମୁଖ୍ୟତଃ କୃଷି,ପଶୁ ସମ୍ପଦ, ଶିକ୍ଷା,ସ୍ୱାସ୍ଥ୍ୟ, ଶିଶୁ ବିକାଶ, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ବିଦ୍ୟୁତ, ଜଙ୍ଗଲ,ମୃର୍ତ୍ତିକା ସଂରକ୍ଷଣ, ଶିଶୁ ବିକାଶ, ଉନ୍ନୟନ କାର୍ଯ୍ୟ,ପାନୀୟଜଳ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା,ଏମ ଜି ଏନ ଆର ଜି ଏସ,ମଙ୍ଗଳ ବିଭାଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା ।ଆଲୋଚ୍ୟ ସମସ୍ତ ବିଷୟ ବସ୍ତୁ ଉପରେ ସମିତି ସଭ୍ୟ/ ସଭ୍ୟା, ସରପଞ୍ଚ ମାନେ ନିଜ ନିଜ ଗ୍ରାମପଞ୍ଚାୟତ ଗୁଡିକ ରେ ଥିବା ସମସ୍ୟା ଗୁଡିକ ଆଲୋକପାତ କରିଥିଲେ। ଉପସ୍ଥିତ ସଂପୃକ୍ତ ବିଭାଗ ର ଅଧିକାରୀ ମାନେ ନିଜ ନିଜ ବିଭାଗ ରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଗୁଡିକୁ ଅବଗତ କରାଇଥିଲେ। ପଞ୍ଚାୟତ ସଭ୍ୟ ମାନଙ୍କ ଦ୍ୱାରା ଉତ୍ଥାପନ କରାଯାଇଥିବା ସମସ୍ୟା ଗୁଡିକ ର ସମାଧାନ ନିମନ୍ତେ ବିଭାଗ ର ଅଧିକାରୀ ମାନେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ସେ ବିଷୟରେ ବୈଠକରେ ସୂଚନା ଦେଇଥିଲେ ।ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ନିମ୍ନ ମାନର ଛତୁଆ ଦିଆଯାଉଥିବାର ଭାଲିଆଡାଳ ସମିତି ସଭ୍ୟ ଅଭିଯୋଗ କରିଥିଲେ ।ବିନା ସୂଚନା ରେ ବିଦ୍ୟୁତ କାଟ ହେଉଥିବା ର ଉପସ୍ଥିତ ପ୍ରତିନିଧି ମାନେ ଅଭିଯୋଗ କରିଥିଲେ। ଜୀବିକା ମିଶନ ର ଅଧିକାରୀ ବୈଠକରେ ଅନୁପସ୍ଥିତ କାରଣ ରୁ ଏ ବିଭାଗ ବିଷୟରେ ବୈଠକରେ ଆଲୋଚନା ହୋଇ ପାରିନଥିଲା। ସମିତି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, ସିଡିପିଓ ପ୍ରେମାଲତା ସେଠୀ, ବିଇଓ ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଏପିଓ ଧାନଚାନ୍ଦ ମହାନ୍ତ ବୈଠକ ରେ ଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସହକାରେ ୭୮ ତମ ସ୍ୱାଧିନତା ଦିବସ ପାଳନ

**ନାରାୟଣପାଟଣା,(ମହାଭାରତ) :** ନାରାୟଣପାଟଣା ବ୍ଲକ ରେ ଚଳିତ ବର୍ଷ ଶାନ୍ତି ପୁର୍ଣ ସହ ଆଡ଼ମ୍ବର ସହକାରେ ୭୮ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି। ପ୍ରଥମେ ବ୍ଲକର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ବ୍ଲକ ସ୍ତରୀୟ ୭୮ ତମ ସ୍ୱାଧିନତା ଦିବସ ସରକାରୀ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିଲା। ପ୍ରତ୍ୟେକ ସ୍କୁଲରେ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀ ସ୍କୁଲ ଶିକ୍ଷକଶିକ୍ଷୟତ୍ରୀ ହାଇସ୍କୁଲ ପଡ଼ିଆରେ ଏକତ୍ରିତ ହୋଇଥିଲେ ।ବ୍ଲକ୍ ଅଧକ୍ଷ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀ ପ୍ୟାରେଡ ଭାଗ ନେଇଥିଲେ ।ପରେ କୈତୁକିଆ ଫେନ୍ସୀ ପ୍ରତିଯୋଗୀତାରେ କୁନି କୁନି ଛାତ୍ରଛାତ୍ରୀ ଭାଗନେଇଥିଲେ । ଦେଶାତ୍ମବୋଧକ ଗୀତରେ




ଭିନ୍ନ ଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରି ଛାତ୍ରଛାତ୍ରୀ ମନ ମୋହି ଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଖେଳ ପ୍ରତିଯୋଗିତା,ପ୍ରବନ୍ଧ ,ସଙ୍ଗୀତ ,ବକ୍ତୃତା ପରି ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।ନିମନ୍ତ୍ରଣ କ୍ରମେ ପୃବତନ ବିଧାୟକ କୈଳାଶ ଚନ୍ଦ୍ର କୁଲେଶିକା ଯୋଗଦେଇ କୁନି କୁନି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ସହ ମାନପତ୍ର ଦେଇ ଥିଲେ ।ପରେ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଝିଗୈରୀ କଲ୍ୟାଣ ମଣ୍ଡପରେ ଆୟୋଜନ କରାଯାଇଥିଲା। ଘରେ ଘରେ ତ୍ରୀରଙ୍ଗା କାର୍ଯ୍ୟକ୍ରମ ଅଗଷ୍ଟ ୯ରୁ ୧୫ ଯାଏଁ ଭାଗନେଇଥିବା ବ୍ୟକ୍ତି ବିଶେଷଙ୍କୁ ବ୍ଲକ ପ୍ରଶାସନ ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପିୟୁଷ ଲୁହାର ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ରେ ତହସିଲଦାର ସଙ୍ଗୀତା ସେନ ,ଡକ୍ଟର ବିମଳ ବାଘ,ଥାନା ଅଧିକାରୀ ସୁଷମା କୋଅଂର, ତିନି ପ୍ରମୁଖ ଦଳର ରାଜନେତା, ବୁଦ୍ଧିଜୀବୀ, ସମସ୍ତ ସରକାରୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

**ଭାବନୀପାଟଣା,(ମହାଭାରତ) :** ଆଜି ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ଓଡିଶା ସରକାର କଳାହାଣ୍ଡି ଜିଲ୍ଲା ଗସ୍ତ ପୂର୍ବକ ଜିଲ୍ଲାରେ ସାଧାରଣ ବଣ୍ଟନର କାର୍ଯ୍ୟକାରିତା ଏବଂ ଧାନ ସଂଗ୍ରହର ବ୍ୟବସ୍ଥାକୁ ସମିକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଥମେ କଳାହାଣ୍ଡି ଜିଲ୍ଲାପାଳ ଶ୍ରୀ ସଚିନ ପାୱାର ସ୍ୱାଗତ ଜଣାଇଥିଲେ । ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ଚାଷୀ ମାନଙ୍କର ପାଞ୍ଜିକରଣ ପ୍ରକ୍ରିୟା, ମଣ୍ଡି ବ୍ୟବସ୍ଥା, ରାସନ କାର୍ଡ, ଯୋଗ୍ୟ ଓ ଅଯୋଗ୍ୟ ହିତଡିକାରୀଙ୍କ ଉପରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, କଳାହାଣ୍ଡି ପବିତ୍ର ସାହୁ ବୈଠକରେ ତଥ୍ୟ ରଖିଥିଲେ । ୨୦୨୩-୨୪ ଖରିଫରେ ୧,୧୨,୨୮୨ ଜଣ ଚାଷୀ ପଞ୍ଜୀକରଣ କରିଥିବା ଏବଂ ସରକାରଙ୍କ ଦ୍ୱାରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ଟ. ୩,୧୦୦/- ବୃଦ୍ଧି ଘୋଷଣା ଯୋଗୁଁ ଏହି ପଞ୍ଜୀକରଣ ଆହୁରି ବୃଦ୍ଧି ହେବ ବୋଲି ଚିଫ ସି.ଏସ.ଓ. ବୈଠକରେ କହିଥିଲେ । ମାନ୍ୟବର ମନ୍ତ୍ରୀ ଉପସ୍ଥିତ ସମସ୍ତ ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱବାନ ହୋଇ କାର୍ଯ୍ୟ କାଲେ ସମସ୍ତ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ବୋଲି କହିଥିଲେ । ଜିଲ୍ଲାରେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ରାସନ କାର୍ଡ ଗୁଡିକୁ ତୁରନ୍ତ ଖାରଜ କରିବା, ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ଯୋଜନାରୁ ବାଦ ଦେବା, ଅନ୍ତୋଦୟ ଯୋଜନାରେ ୩୦ ରୁ ୪୦ ପ୍ରତିଶତ ଅଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ଥିବା ସରକାରଙ୍କ ଦୃଷ୍ଟି କୁ ଆସିଥିବାରୁ ତଦନ୍ତ କରି ସେମାନଙ୍କୁ ବାଦ ଦେବା, ନୂତନ କାର୍ଡ ନିମନ୍ତେ ଆସିଥିବା ଦରଖାସ୍ତ




ଗୁଡିକର ଉପଯୁକ୍ତ ତଦନ୍ତ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ ଯେମିତି ଦଲାଲଙ୍କ ହାତକୁ ନ ଯାଇ ପ୍ରକୃତ ଚାଷୀ ପାଇବା, ସମବାୟ ସଂସ୍ଥା ଦ୍ୱାରା ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ, ଶୌଚାଳୟ, ବିଶ୍ରାମ ସ୍ଥାନ ତଥା ଆନୁଷଙ୍ଗିକ ସୁବିଧାର ବ୍ୟବସ୍ଥା କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେସ ପ୍ରଦାନ କରିଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପ-ଜିଲ୍ଲାପାଳ, ଧର୍ମଗଡ ଧୀମନ ଚକମା, ଭାରପ୍ରାପ୍ତ ଉପ-ଜିଲ୍ଲାପାଳ ଭବାନୀପାଟଣା ଜୟଦେବ ଦାସ, ସି.ଏସ.ଓ, କଳାହାଣ୍ଡି, ଡି.ଆର.ସି.ଏସ, ଡି.ପି.ସି., ମିସନ ଶକ୍ତି, ଏ.ସି.ଏସ.ଓ ଓ ସମସ୍ତ ବ୍ଲକର ଏମ.ଆଇ ଉପସ୍ଥିତ ଥିଲେ ।

# ଜିଲ୍ଲା ପୁଲିସ ପକ୍ଷରୁ ସହିଦ୍ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦେଶାତ୍ମକ ବିରତ୍ୱ ପ୍ରଦର୍ଶନ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୁଲିସ ଟ୍ରେନିଙ୍ଗ ପଡିଆରେ ଆୟୋଜିତ ଜିଲ୍ଲା ସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଥିଲା। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ସମାରୋହ ଉତ୍ସବରେ ପୁଲିସ ବାହିନୀ, ହୋମଗାର୍ଡ, ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ପ୍ୟାରେଡ ପ୍ରଦର୍ଶନ ହୋଇଥିଲେ। ପରେ ଆୟୋଜିତ ମହାସମାରୋହ ଉତ୍ସବରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଜନସାଧାରଣଙ୍କୁ ଉଦବୋଧନ ଦେବା ସହ ବିକଶିତ ଓଡ଼ିଶା ବିକଶିତ ଭାରତ ମାତାର ଜୟଜ୍ଞାନ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସହିଦ୍ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦେଶାତ୍ମକ ବିର୍ ପ୍ରଦର୍ଶନ କରାଯାଇଛି। ନକ୍ସଲ ଆକ୍ରମଣ ସହିଦ୍ ହୋଇଥିବା ବୀର ଯବାନ ଙ୍କ ସ୍ମୃତିରେ ପ୍ୟାରେଡ ପ୍ରଦର୍ଶନ ହୋଇଥିଲା। ୨୦୦୮ ମସିହାରେ ନୟାଗଡ଼ରେ ନକ୍ସଲ ଆକ୍ରମଣରେ ସହିଦ୍ ହୋଇଥିବା ୧୪ ଜଣ ଯବାନଙ୍କ ବୀରତ୍ୱକୁ ଅତି ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ ନୟାଗଡ଼ ପୁଲିସ ବାହିନୀ। ଉପସ୍ଥିତ ପୁଲିସ କର୍ମଚାରୀ ମାନେ ସଲୁଟ୍ ମାରିଥିଲେ। ଆୟୋଜିତ ଉତ୍ସବରେ ନିମନ୍ତ୍ରିତ ସ୍ୱାଧୀନ ସଂଗ୍ରାମୀଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସମ୍ବୋଧିତ କରିଥିଲେ।

# ପୁଣି ଥରେ ଚର୍ଚ୍ଚାରେ ସଢେଇ ଖୋଳାର ବିନ୍ଧାଣୀ ବିଜୟ କମିଳା

କପ୍ତିପଦା -(ମହାଭାରତ ): କପ୍ତିପଦା -ପେଶା ରେ ଗାଡ଼ି ମେକାନିକ ହେଲେ ନିଶା ଅଲଗା ବିଭିନ୍ନ ଜିନିଷ ତିଆରି କରିବା। ନିଜର ଦୃଢ଼ ଇଚ୍ଛାଶକ୍ତି ଓ ମୋନବଳ ଥିଲେ ସବୁକିଛି ସମ୍ଭବ ହୋଇ ପାରେ। ସେଥି ପାଇଁ ସେ ଅନ୍ୟ ମାନଙ୍କ ପାଇଁ ହୋଇଛନ୍ତି ଉଦାହରଣ। ସଢ଼େଇ ଖୋଳା ରୁ ସ୍ୱାଧୀନତା ଦିବସ ପାଇଁ ଭାରତ ମାନଚିତ୍ର ଓ ସମ୍ବିଧାନ ର ବହି ତିଆରି କରିଛନ୍ତି। ପୂର୍ବରୁ ସଢେଇ ରୁ ଘରକରଣା ପରେ ଡାକୋଟା, ଚନ୍ଦ୍ରଯାନ ୩ ତିଆରି କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସତରେ ନିଜର ଉଦ୍ୟମ ଓ ଇଚ୍ଛାଶକ୍ତି ଆଜି ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। ସବୁବେଳେ ନୂଆ ନୂଆ ଜିନିଷ ତିଆରି କରିବା ମନ ରେ ଉଙ୍କି ମାରୁଥାଏ। ମୟୂରଭଞ୍ଜ ଜିଲ୍ଲା ଉଦଳା ଏନଏସି ୭ ନମ୍ବର ୱାର୍ଡ ର ଏ ହେଉଛନ୍ତି ବିଜୟ କମିଳା। ସମସ୍ତେ ଆଦର ରେ ଡାକନ୍ତି ବିଜୁୟ ବିଜୁ ରୁ ବିଜୟ। ସତରେ ନାମ ଯେମିତି କାମ ସେମିତି। କଳା ର ବିନ୍ଧାଣୀ ହେଉଛନ୍ତି ବିଜୟ। ପେଶା ରେ ସେ ମଟର ସାଇକଲ ମେକାନିକ କିନ୍ତୁ ନିଶା ଜଣେ ଶିଳ୍ପୀ କାରିଗର। ଏବେ ସଢେଇ ରେ ବିଭିଊ ପ୍ରକାର ଜିନିଷ ତିଆରି କରି ଅନ୍ୟ ମାନଙ୍କ ପାଇଁ ହୋଇଛନ୍ତି ଉଦାହରଣ। ପୂର୍ବର ରୁ ବିଜୟ କୋରନା ଲୋକ ଡାଉନ୍ ସମୟ ରେ ସଢେଇ ଖୋଳା ରେ ବିଭିଊ ପ୍ରକାର ଘରକରଣା ଜିନିଷ ତିଆରି କରି ଚର୍ଚ୍ଚା ରେ ଆସିଥିଲେ। ତେବେ ନୂଆ ଜିନିଷ ତିଆରି କରିବା ତାଙ୍କ ମନ ରେ ସବୁବେଳେ ଉଙ୍କି ମାରୁଥାଏ। ନିଜର ଦୃଢ଼ ଇଚ୍ଛାଶକ୍ତି ଓ ଉଦ୍ୟମ ରେ ସେ ଦୁଇ ପାଦ ଆଗକୁ ବଢ଼ି କିଛି ମାସ ପୂର୍ବରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ଡାକୋଟା ତିଆରି କରି ସାରା ରାଜ୍ୟ ପାଇଁ ଆଣିଥିଲେ ଗୌରବ। ସବୁ କିଛି ସେ ସଢ଼େଇ ଖୋଳା ରେ ତିଆରି କରିଥାନ୍ତି। ଏବେ ସଢ଼େଇ ଖୋଳା ରେ ଭାରତ ମାନଚିତ୍ର ତିଆରି କରି ହୋଇଛନ୍ତି ଅନ୍ୟ ମାନଙ୍କ ପାଇଁ ଉଦାହରଣ। ଭଲ ଗାଡ଼ି ମେକାନିକ ଭାବେ ଏ ଅଞ୍ଚଳ ରେ ବେଶ ପରିଚିତ ବିଜୁୟ ନିଜର କାମ ଯେମିତି ଲୋକ ମାନଙ୍କୁ ନିଜର ଉତ୍ତମ ବ୍ୟବହାର ରେ ଅତି ଆପଣା ର ହୋଇଯାଆନ୍ତି। ଆଶ୍ଚର୍ଯ୍ୟ ଲାଗିଲେବି ସତୟ ଗୋଟିଏ ପରେ ଗୋଟିଏ ଭିନ୍ନ ପ୍ରକାର ଜିନିଷ ତିଆରି କରି ଚାଲିଛନ୍ତି। ଆଉ ପଛ କୁ ଫେରି ଚାହିଁ ନାହାଁନ୍ତି ବିଜୁୟ ଏବେ ସଢ଼େଇ ରେ ଭାରତ ମାନଚିତ୍ର ଓ ସମ୍ବିଧାନ ର ବହି ତିଆରି କରି ବେଶ ଚର୍ଚ୍ଚା ହୋଇଛନ୍ତି। ଏହିକୁ ତିଆରି କରିବା ପାଇଁ ତାଙ୍କୁ ୧୫ ଦିନ ରୁ ଅଧିକ ସମୟ ଲାଗିଥିଲା। ବିଭିନ୍ନ ସ୍ଥାନ ରୁ ସଢେଇ ସଂଗ୍ରହ କରି ତାକୁ କାଟି ଅଠା ଦ୍ୱରା ଯୋଡ଼ି ତିଆରି କରିଛନ୍ତି ଏସବୁ ଜିନିଷ । ବିଜୟ ଜଣେ ସଫଳ ଗାଡ଼ି ମେକାନିକ ଭବେ ଏ ଅଞ୍ଚଳ ରେ ବେଶ ପରିଚିତ। ପୂର୍ବରୁ ତିଆରି କରିଥିବା ସଢ଼େଇ ଖୋଳା ରେ ବିଭିନ୍ନ ପ୍ରକାର




ଘର କରଣା ଓ ଡାକଟା ତିଆରି କରି ସେ ଉଦଳା ମୋହତ୍ସବ ଧୁମୁସା ଓ ବିଭିନ୍ନ ସ୍ଥାନ ରୁ ହୋଇଛନ୍ତି ପ୍ରଶଂସିତ । ଯେତେବେଳେ ସମୟ ପାଆନ୍ତି ସେତେବେଳେ ସେ ଏହି କମ କରିଥାନ୍ତି। ତେବେ ପରିବାର ଲୋକଙ୍କ ପ୍ରେରଣା ପାଇଁ ଏହା ସମ୍ଭବ ବୋଲି ବିଜୟ କହିଛନ୍ତି। ତେବେ ସରକାରୀ ପ୍ରସାହନ ମିଳିଲେ ବିଜୟ ଆଗକୁ ବଢ଼ି ପାରିବେ ବୋଲି କହିଛନ୍ତି ସ୍ଥାନୀୟ ଲୋକେ।

# ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଜପତି ( ମହାଭାରତ ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କନଫେରାନ୍ସ ହଲ ଠାରେ ଜିଲ୍ଲା ସ୍ତରୀୟ ଡିଜିଟାଲ ଫସଲ ସକାଶେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ ତିରୁପତି ରାଓ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରତ୍ୟେକ ଚାଷୀଙ୍କ ଜମିରେ କି କି ପ୍ରକାର ଶସ୍ୟ ଅମଳ କରାଯାଉଛି ତା ଉପରେ ସର୍ଭେ କରାଯିବ ।ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ଉଦ୍ୟାନ ବିଭାଗ,ବ୍ଲକ ଅଧ୍ୟକ୍ଷ, ବ୍ଲକ କୃଷି ଅଧିକାରୀ ,ବ୍ଲକ ସହକାରୀ କୃଷି ଅଧିକାରୀ ଓ ଅଗ୍ରଣୀ ଚାଷୀ ମାନେ ଉପସ୍ଥିତ ଥିଲେ।




# କଇଁଚି ଭୂଷି ଜଣ ଙ୍କୁ ହତ୍ୟା

ଅନୁଗୋଳ ,(ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ବଅଁରପାଳ କଲେଜ ନିକଟରେ ଥିବା ଏକ ଦୁଇ ମହଲା ଘରୁ ବଅଁରପାଳ ପୋଲିସ ଜଣେ ବ୍ୟକ୍ତି ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଧାର୍ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଛନ୍ତି। ସୂଚନା ଯେ, ଯାଜପୁର ରୋଡ ଅଞ୍ଚଳର ମଧୁ ସୁଦନ ନାୟକ ବଅଁରପାଳ କଲେଜ ନିକଟରେ ରହି ଟେଲର କାମ କରିଥିଲେ। ଆଜି ଦିନ ଦ୍ୱିପ୍ରହର ସମୟରେ ମଧୁ ସୁଦନ କୁ କଇଁଚି ଭୂଷି ଦେଇଥିବା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ଥିଲା। ରକ୍ତ ଜୁଡୁବୁଡୁ ରେ ମଧୁ ସୁଦନ ପଡି ଥିବା ଦେଖି ସଙ୍ଗେ ସଙ୍ଗେ ପୋଲିସ ଗାଡି ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ମଧୁ ସୁଦନ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ପଟେ ପୋଲିସ ତଦନ୍ତ ଆରମ୍ଭ କରି ମଧୁ ସୁଦନ ଙ୍କୁ କଇଁଚି ଭୂଷି ଥିବା ବ୍ୟକ୍ତି ଙ୍କୁ ବଅଁରପାଳ ଥାନାରେ ଅଟକ ରଖିଛି ।ଶବ ବ୍ୟବଚ୍ଛେଦ ପାଇଁ ମୃତ ଶରୀର କୁ ଶବ ବ୍ୟବଚ୍ଛେଦ ଗୃହ କୁ ପଠେଇ ଦିଆ ଯାଇଛି।

# ଦେବଗଡ କୃଷି ଓ କୃଷକ ଙ୍କୁ ସରକାର ଧ୍ୟାନ ଦିଅନ୍ତୁ

ଦେବଗଡ:(ମହାଭାରତ) ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ଏଟେୟ ଏଠାରେ ଅଧିକାଂଶ କୃଷକ ଧାନ ଚାଷ ଉପରେ ନିର୍ଭର କରନ୍ତି। ତେଣୁ ଧାନ ଚାଷ ପରେ ଉଚିତ ସମୟ ରେ ଆବଶ୍ୟକବିହନ ଏବଂ ପର୍ଯ୍ୟାପ୍ତ ଜଳସେଚନ ର ଅଭାବ ହେତୁ ଅଧିକାଂଶ ଚାଷ ଜମି ପଡିଆ ପଡିଥାଏ। ଯାହାଫଳରେ ଅଧିକାଂଶ ଚାଷୀ କୌଣସି ଦ୍ୱତୀୟ ଫସଲ ଚାଷ କରନ୍ତି ନାହିଁ। ରବି ଋତୁ ରେ ଦ୍ୱତୀୟ ଫସଲ କୁ ପ୍ରୋତ୍ସାହିତ କରିବା ତଥା କୃଷକ ମାନଙ୍କର ଜୀବନ ଧାରଣମାନ ରେ ସୁଧାର ଆଣିବା ନିମନ୍ତେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ମହିଳା ଜନ କଲ୍ୟାଣ ସଂଗଠନ ପକ୍ଷରୁ ପଡିଆ ରୁ ବଢିଆ ନାମରେ କୃଷି ଅଭିଯାନ ଆରମ୍ଭ କରାଯାଇଅଛ। ଏନେଇ ଗତ ୧୨ତରିଖରେ ସଂଗଠନ ପକ୍ଷରୁ ଜିଲ୍ଲା ସ୍ତରରେ ବାରକୋଟ ବ୍ଲକର ୨୪ ଗୋଟି ପାଞ୍ଚାୟତର ଷହଳ ହଜାର ଦୁଇସହ



ଏକତିରିସି ଇଚ୍ଛୁକ ଚାଷିଙ୍କର ସର୍ବେକ୍ଷଣ କରାଯାଇ ବ୍ଲକ ସ୍ତରୀୟ କୃଷି ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ କୃଷି ଅଧିକାରୀଙ୍କୁ ଏକ ଦାବି ପ୍ରଦାନ କରାଯାଇଛି । ମୁଖ୍ୟତହ ଅକ୍ଟୋବର ଦ୍ୱତୀୟ ସପ୍ତାହ ପୂର୍ବରୁ ଆବଶ୍ୟକ ଡାଲି ଜାତୀୟ ବିହନ ତଥା ଜଳସେଚନ ର ଉତ୍ସ ଯୋଗାଇଦେବା ନେଇ ଦାବୀ ଉପସ୍ଥାପନା କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଯଦି ସରକାର ଅକ୍ଟୋବର ଦ୍ୱତୀୟ ସପ୍ତାହ ସୁଦ୍ଧା ସମସ୍ତ ଚାଷୀଙ୍କୁ ଆବଶ୍ୟକ ଉତ୍ସ ଯଥା ଡାଲି ଜାତୀୟବିହନ ତଥା ଜଳସେଚନ ର ସୁବିଧା ଯୋଗାଇଦିଅନ୍ତି ତେବେ ସେମାନ ଦ୍ୱତୀୟ ଫସଲ କରି ନିଜର ଆୟ ବୃଦ୍ଧି କରିବା ସହିତ ସେମାନଙ୍କ ପରିବାରର ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ମଧ ପୂରଣ କରିପାରିବେ। ଏ ନେଇ ଆଜି ସଙ୍ଗଠନର ସଭାପତି ନୀଳିମା କାରିଗର ଓ ସମ୍ପାଦିକା ରିତାବିନ୍ଦୁ ତାପୋ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଅଜଣା ରୋଗରେ ଶଯ୍ୟାଶାୟୀ ପ୍ରଶ୍ନ ଦିଗାଲଙ୍କୁ ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାହାଯ୍ୟ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପାହିରାଜୁ ପଞ୍ଚାୟତ ଅଧୀନରେ ଥିବା ମୁଚ୍ଛଳପଡା ଗାଁରେ କାମ କରି ପରିବାର ପ୍ରତିପୋଷଣ କରିବା ବୟସରେ ଘରର ରୋଜଗାରିଆ ସ୍ୱାମୀଦୀର୍ଘ ୪ବର୍ଷ ହେବ ଏକ ଅଜଣା ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହୋଇ ପଡିଛନ୍ତି ସେପଟେ ମୂଳ ଲାଗି ପରି ବାର ପ୍ରତିପୋଷଣ କରି ଆସୁଥିବା ପ୍ରଶ୍ନ ଦିଗାଲଙ୍କ ସ୍ତ୍ରୀ ଜାନକୀ ଦିଗାଲ ବର୍ତ୍ତମାନ ସ୍ୱାମୀର ଚିକିତ୍ସା କରାଇବା ଲାଗି ଅସମର୍ଥ ହୋଇ ପଡିଥିବା ବେଳେ ପଙ୍ଗୁ ସ୍ୱାମୀର ଚିକିତ୍ସାରେ ଏବେ ଅର୍ଥ ବାଧକ ସାଜିଛି। ଦୁଃଖ କଥା ଶୁଣି କଟକ ଜିଲ୍ଲାର ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅର୍ଥ ରାଶି ସହଯୋଗ କରି ସାହାଯ୍ୟ କରିଛନ୍ତି ସମ୍ଭବ ପରିବାର ସଦସ୍ୟ ଓ ମୃତ୍ୟୁଞ୍ଜୟଦିଗାଲ



ଉପସ୍ଥିତ ଥିଲେ। ତେବେ ସୂଚନା ଅନୁସାରେ ଏହି ମୁଚ୍ଛଳପଡା ଗାଁରେ ପ୍ରଶ୍ନ ଦିଗାଲ,ସ୍ତ୍ରୀ ଜାନକୀ ଦିଗାଲ,ମା ଟୁବି ଦିଗାଲ,ପୁଅ ସାନୁଜ ଦିଗାଲ ଝିଅ ଭୂମିକା ଦିଗାଲ,ମାଣିକ ଦିଗାଲ ପରିବାର ବସବାସ କରନ୍ତି ପରିବାରରେ ସମୁଦାୟ ଛଅ ଜଣ ସଦସ୍ୟ ରହି ଆସୁଥିବା ବେଳେ ଦିନଥିଲା ଏହି ପରିବାର ମଧ ବହୁ ହସଖୁସିରେ ଚଳୁ ଥିଲେ କିନ୍ତୁ ଗତ କିଛି ଦିନ ମଧରେ ତାଙ୍କ ପିତାଙ୍କର ଅଜଣା ରୋଗରେ ପୀଡିତ ଥିଲେ। ତାଙ୍କର ମଧ ମୃତ୍ୟୁ ହେଇଗଲା ମୃତକଙ୍କ ନାମ ଛାଟିଆ ଦିଗାଲଙ୍କ କନିଷ୍ଠ ପୁତ୍ର ୨୮ ବର୍ଷୀୟ ପ୍ରଶ୍ନ ଦିଗାଲ ଅଜଣା ରୋଗରେ ପୀଡିତ ହେବା ପରେ ଘରର ସୁଖଶାନ୍ତି କୁଆଡେ ଉଭାନ ହୋଇଯାଇଛି। ପ୍ରଶ୍ନ ଦିଗାଲଙ୍କୁ( ୨୮) ବର୍ଷ ହେଉଥିବା ବେଳେ ତାଙ୍କର ଗୋଡ୍ ହାତ ବିନ୍ଧିବା ସହ କଥୋପକଥନ ବନ୍ଦ ହେଇ ଯାଇଥିଲା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସେହିଠାରେ ଡାକ୍ତର ତାଙ୍କୁ ସ୍ଥାନାନ୍ତରିତ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଟେଇ ଥିଲେ ମୁଖ୍ୟ ଚିକିତ୍ସାଳୟ ଚିକିତ୍ସା କରାଇ ଥିଲେ। ଶେଷରେ ସ୍ୱାମୀର ଚିକିତ୍ସା ଲାଗି ଜମିବାଡ଼ି ସୁନା ରୁପା ବିକ୍ରି ମଧ୍ୟ କରିବାକୁ ପଡ଼ିଥିଲା ବର୍ତମାନ ସ୍ୱାମୀର ଚିକିତ୍ସା ଲାଗି ସ୍ତ୍ରୀ ଅସହାୟ ହୋଇ ପଡ଼ିଥିବା ବେଳେ ଘରେ ଯେତିକି ଅର୍ଥ ଥିଲା ସବୁତକ ଖର୍ଚ୍ଚ ହୋଇ ସାରିଛି। ଏବେ ଅର୍ଥ ଅଭାବରୁ ପରିବାରେ ଖାଦ୍ୟ ପାଇଁ ଓ ଏପଟେ ସ୍ୱାମୀର ଚିକିତ୍ସା କରିବା ସମ୍ଭବ ହୋଇ ପାରୁନାହିଁ ଯାହା ଲାଗି ବର୍ତ୍ତମାନ ନିଜ ଭାଗ୍ୟକୁ ଆଦରି ସରକାରୀ ସହାୟତାକୁ ଅପେକ୍ଷା କରି ଘରର ମୁଖ୍ୟ ରୋଜଗାରିଆ ସ୍ୱାମୀର ଅସହାୟ ଅବସ୍ଥାରେ ପଡ଼ି ରହିଛି ସେପଟେ ସ୍ୱାମୀର ଚିକିତ୍ସା ଲାଗି ଜାନକୀ ଦିନ ମଜୁରିଆ ଭାବେ କାମ ଯାଉଥିବା କୋହଭରା କଣ୍ଠରେ କହିବା ସହ ପରିବାର ଚଳିବା ଓ ସ୍ୱାମୀର ଚିକିତ୍ସା ପାଇଁ ପ୍ରଶ୍ନଙ୍କ ପରିବାର ସଦସ୍ୟଙ୍କ ସହ ପାଖ ପୋଡୋଶି ଆକୁଳ ସହ ନିବେଦନ କରିଛନ୍ତି ।

# ଟାଟା ଷ୍ଟିଲ ପକ୍ଷରୁ ଯୋଡା ରେ ୭୮ ତମ ସ୍ୱାଧୀନତା ଦିବସ ପାଳିତ



ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ ଯୋଡା ପକ୍ଷରୁ ଭାରତର ୭୮ ତମ ସ୍ୱାଧୀନତା ଦିବସ କୁ ଗୁରୁବାର ଉତ୍ସାହ ଓ ଉଦ୍ଦୀପନା ର ସହ ପାଳନ କରାଯାଇଛି ଓ ଯୋଡା ସେଣ୍ଟ୍ରାଲ ଅର୍ଗାନାଇଜେସନ (ଜେ ସି ଓ) ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ କମ୍ପାନୀର ଅନ୍ୟ ବିଭାଗର ଅଫିସର ଓ କର୍ମଚାରୀ ମାନଙ୍କ ସହ ୟୁନିଅନ୍ ର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ । ତାଙ୍କ ଅଭିଭାଷଣରେ ରାଜେଶ କୁମାର ଦେଶପ୍ରତି ଉତ୍ସର୍ଗୀକୃତ ହୋଇ ଏହାର ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁରୂପ ଭାବରେ, ଯୋଡା ଇଷ୍ଟ, ଖଣ୍ଡବନ୍ଧ ଏବଂ ନୀଳାଚଳ ଖଣି ତଥା କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ଅଫିସ ରେ ପତାକା ଉତ୍ତୋଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଯୋଡା ସ୍ଥିତ କେନ୍ଦ୍ରୀୟ ଖେଳ ପଡିଆ ଠାରେ, ଟାଟା ଷ୍ଟିଲ ର ଅଫିସର ଏବଂ କର୍ମଚାରୀମାନଙ୍କ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଖେଳ ର ଆୟୋଜନ କରାଯାଇଥିଲା।

# ଆସିକା ବିଜ୍ଞାନ ମହାବିଦ୍ୟାଳୟ ର ଶୈକ୍ଷିକ ଭବନ ଉଦଘାଟନ



ଆସିକା(ମହାଭାରତ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ୩କୋଟି ୧୬ ଲକ୍ଷଟଙ୍କା ବ୍ୟୟ ଅଟକଳରେ ନବ ନିର୍ମିତ ଶୈକ୍ଷିକ ଭବନ କୁ ଉଦଘାଟନ କରିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ । ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ଆନୁଷ୍ଠାନିକ ରୂପେ ନବ ନିର୍ବାଚିତ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। କଲେଜ ଗେଟ୍ ନିକଟରୁ ସମସ୍ତ ଅଧାପକ ଅଧାପିକା, କର୍ମଚାରୀ, ରେଡକ୍ରସ୍, ଏନ୍ଏସ୍ଏସ୍, ସ୍କାଉଟ୍ ରୋଭର୍ସର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଗାର୍ଡଅଫ୍ଅନର ପ୍ରଦାନ କରାଯାଇଥିଲା। ଏତଦ୍ ବ୍ୟତୀତ ଇ-ଲାଇବ୍ରେରୀ, ପ୍ରୟୋଗଶାଳା ଏବଂ ବିଦ୍ୟାର୍ଥୀଙ୍କ ପଠନୀୟ କୋଠରୀ ପାଇଁ ବିଶ୍ୱ ବ୍ୟାଙ୍କ ଦ୍ୱାରା ନବ ନିର୍ମାଣ ଦୁଇ କୋଠା ବିଶିଷ୍ଟ ଶୈକ୍ଷିକ ଭବନକୁ ବିଧାୟକ ଉଦ୍ଘାଟନ କରିଥିଲେଯ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦ୍ୱାରା ମୁଖ୍ୟଅତିଥି ବିଧାୟକ ଶ୍ରୀ ପାଢ଼ୀଙ୍କୁ ମଞ୍ଚାସୀନ କରାଯାଇଥିଲା। ସ୍ୱତନ୍ତ୍ରରୂପେ ବିଧାୟକଙ୍କ ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ମଧ ପରିବେଷଣ କରାଯାଇଥିଲା। ଆସିକା ବିଜ୍ଞାନ ମହାବିଦ୍ୟାଳୟରେ କିପରି ବିଧାୟକ ଶ୍ରୀ ପାଢ଼ୀ ନିଜ ଛାତ୍ରାବାସ ଜୀବନର ଦୀର୍ଘ ପାଞ୍ଚ ବର୍ଷ ଅବଧିର ସ୍ମୃତିକୁ ସାଉଁଟି ଭାବ ବିଭୋର ହୋଇ ଉଠିଥିଲେ ଏବଂ ନିଜକୁ ଧନ୍ୟ ମନେ କରିଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ଏବଂ କ୍ରୀଡ଼ା କ୍ଷେତ୍ରର ଆନୁସାଙ୍ଗିକ ଉନ୍ନତିରେ ନିଜକୁ ସାମିଲ କରିବା ପାଇଁ ବଦ୍ଧପରିକର ହୋଇଥିଲେ। ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସୁନ୍ଦର ସ୍ୱପ୍ନର ଏକାନ୍ତ ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। କଲେଜ ଅଧକ୍ଷ ବିଧାୟକଙ୍କୁ ପଚାଶ ଛାତ୍ର ଆବାସିକ ବିଶିଷ୍ଟ କୋଠରୀ, ଛାତ୍ରାବାସକୁ ନୂତନରୂପେ ରୂପାନ୍ତରଣ, କ୍ରୀଡ଼ାଙ୍ଗନାରେ ପାଚେରୀ, ଗ୍ୟାଲେରୀ ଏବଂ ସ୍ପୋର୍ଟ୍ସରୁମ ନିର୍ମାଣ ପାଇଁ ନିବେଦନ ରଖିଥିଲେ ଏବଂ ବିଧାୟକ ମଧ ଯଥାସମ୍ଭବ ସହଯୋଗ କରିବା ପାଇଁ ପ୍ରତିସୃତି ଦେଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବିଧାୟକଙ୍କ ସହ କଲେଜ ଅଧକ୍ଷ ଏବଂ ପ୍ରଶାସନିକ ଅଧିକାରୀ ଡ. ଶଙ୍କର ପ୍ରସାଦ ଅଧିକାରୀ, ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ସଭା ସଂଯୋଜିକା ଡ. ସସ୍ମିତା ପାତ୍ର ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧନା ସଭା ସମସ୍ତ ଅଧାପକ, ଅଧାପିକା, କର୍ମଚାରୀଙ୍କ ସହଯୋଗରେ ସଫଳ ରୂପାୟନ ହୋଇପାରିଥିଲା। ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ସଭାରେ ଉପସ୍ଥିତ ଥିଲେ। ପରିଶେଷରେ ଡ. ଏ.କେ.ପି. ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାରଖାନା ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ୍ ପ୍ରତିଶ୍ରୁତି ବଦ୍ଧ

ଅନୁଗୋଳ,(ମହାଭାରତ):ନିଜସ୍ୱ ତାପଜ ବିଦ୍ୟୁତ କେନ୍ଦ୍ର ସିପିପି କାରଖାନାର ସର୍ବପୁରାତନ ସଙ୍ଗଠନ ଆଇଏନଟିୟୁସି ସହବନ୍ଧିତ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ କାର୍ଯ୍ୟାଳୟ ଶ୍ରମିକ ଭବନ ପରିସରରେ ୭୮ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ସଙ୍ଗଠନର ବରିଷ୍ଟ ସଦସ୍ୟ ଶ୍ରୀ ଅଭିମନ୍ୟୁ ଅମାନ୍ତ ଜାତୀୟ ପତାକା ଉତୋଳନ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଶ୍ରୀ ବିଭବ ଜେନା ନିଜର ବକ୍ତବ୍ୟରେ, ଇଂରେଜ ବିରୁଦ୍ଧରେ ଦୀର୍ଘ ଦୁଇଶହ ବର୍ଷର ସଙ୍ଘର୍ଷ ଓ ସାଧନାର ଫଳ ସ୍ୱାଧିନତା ଦିବସ, ଯେଉଁ ମହାପୁରୁଷ ମାନଙ୍କ ତ୍ୟାଗପୂର୍ଣ୍ଣ ବିର୍ ଓ ବଳିଦାନକୁ ମନେ ପକାଇବା ଏହି ଦିବସର ମହ□। ଏହା ସହିତ ଦେଶ ମାତୃକା ସେବା କରିବା ସହିତ ନିଜ କର୍ମସଂସ୍ଥାନର ସୁରକ୍ଷା ପାଇଁ ସମସ୍ତଙ୍କର ସଚେତନତାର ଆବଶ୍ୟକତା ରହିଛି। ନାଲକୋର ବିଭିଊ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ସାଂପ୍ରତିକ ପରିସ୍ଥିତିରେ ନାଲକୋ ରେ କର୍ମଚାରୀଙ୍କ ଅଭାବ ଏକ ମୁଖ୍ୟ ସମସ୍ୟା ଭାବେ ଦେଖାଦେବା ସହିତ,କର୍ମଚାରୀଙ୍କ ବିଭିଊ ଦାବି ଓ ସାଂଗଠାନିକ ପରିପ୍ରେକ୍ଷୀରେ ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ କରିଥିଲେ । ନାଲକୋ ଭଳି ଏକ ନବରତ୍ନ କମ୍ପାନୀକୁ ପ୍ରାୟୋଜିତ ଭାବରେ ଶହ ଶହ କୋଟି ଟଙ୍କା କ୍ଷତି ପହଞ୍ଚାଯାଉଛି। ଏକ ୪୪ ବର୍ଷ ପୁରୁଣା ପ୍ଲାଣ୍ଟକୁ ତୁରନ୍ତ ନବୀକରଣ କରିବା ସହିତ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ବ୍ୟବସ୍ଥା କରିବା ଦ୍ୱାରା ହିଁ, ଏହାର ଭବିଷ୍ୟତ ସୁରକ୍ଷିତ ହୋଇ ପାରିବ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ। କାର୍ଯକାରୀ ସଭାପତି ଶ୍ରୀ ହେମନ୍ତ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ନାଲକୋରୁ ଅବସର ନେଇଥିବା ଶ୍ରୀ ବିମ୍ବାଧର ଦାସ, ଶ୍ରୀ ଯାଦବ ବେହେରା, ଶ୍ରୀ ଦୀନବନ୍ଧୁ ଶେଠ୍ ଓ ଶ୍ରୀ ଅଭିମନ୍ୟୁ ଅମାନ୍ତଙ୍କୁ ସଙ୍ଗଠନ ତରଫରୁ ସମ୍ବର୍ଧନା ଜ୍ଞାପନ କରାଯାଇଥିଲା ।ଏହି ଅବସରରେ ସେମାନଙ୍କ କର୍ମମୟ ଜୀବନ, ନାଲକୋ ପ୍ରତି ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ସଙ୍ଗଠନ ପ୍ରତି ସେମାନଙ୍କ ସହଭାଗିତା ଓ ନିଷ୍ଠାପରତା ସମ୍ପର୍କିତ ଆଲୋଚନା କରାଯାଇଥିଲା ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ରାଉତ, ଅଶୋକ ବେହେରା,ଗାନ୍ଧାରୀ ମାରାଣ୍ଡି, ପ୍ରତାପ ସାହୁ, ପ୍ରଦୀପ ସାହୁ, ମଳୟ ନାୟକ,ସୁଶିଲ ସାହୁ, ସନା ନାଏକ, ପରାୟ ମୁର୍ମୁଊ, ଅକ୍ଷୟ ଭୋଇ, ହରି ନାଥ, ବାପୁ ଭଞ୍ଜ, ସନ୍ତୋଷ ସେଠୀ, ଚୌଧୁରୀ ଭୂତିଆ, ନୀଳ ଲୋହିତ ରଥ,ନିତ୍ୟାନନ୍ଦ ବେହେରା, ସୁବାସ ନାୟକ ନାଗେଶ୍ୱର ବେହେରା, ନବ ଦେହୁରୀ, ତ୍ରିନାଥ ମହାପାତ୍ର, , ଶୁଭ୍ରାଂଶୁ ବେହେରା, ବିଭୂତି ଲାକ୍ରା, ରାଜେଶ ଦେଓ, ଗୁଣ୍ଡୁରାମ ମରାଣ୍ଡି, କେଶବ ରଣା, ଦୀପକ ସନ୍ଧା, ଗଙ୍ଗାଧର ଦଳେଇ, ପଙ୍କଜ ମହାରଣା, ନିରଞ୍ଜନ ଦେହୁରୀ, ପଦ୍ମଚରଣ ସାହୁ, ଜନ୍ମଜୟ ନାୟକ, ସୁବାସ ମିଶ୍ର ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

